

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧୯ ନଭେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 19 NOVEMBER 2020

Vol.No. 30 ■ No. 292 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ବହୁ ଅପେକ୍ଷାର ଅବସାନ ଘଟାଇ ଖୁବ୍ ଶୀଘ୍ର ପ୍ରକାଶ ପାଉଛି ପୂଜାସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଟୀକା ପ୍ରଦାନରେ ସ୍ୱାସ୍ଥ୍ୟ କର୍ମୀ, ଗର୍ଭବତୀ ମହିଳା ଓ ବୟସ୍କ ବ୍ୟକ୍ତିଙ୍କୁ ଦିଆଯିବ ପ୍ରାଥମିକତା : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୮।୧୧ (ନି.ପ୍ର): କରୋନାର ମୁକାବିଲା ପାଇଁ ବିଭିନ୍ନ ଟୀକାର ପରୀକ୍ଷା ନିରୀକ୍ଷା ବୃଡାନ୍ତ ପର୍ଯ୍ୟାୟରେ ପହଂଚିଛି ଏବଂ ଟୀକା ମିଳିବାର ଆଶା ଉଜ୍ଜଳ ହୋଇଛି । ଟୀକା ପ୍ରଦାନ ସମୟରେ ସ୍ୱାସ୍ଥ୍ୟକର୍ମୀଙ୍କ ସମେତ ଗର୍ଭବତୀ ମହିଳା ଓ ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିଙ୍କୁ ଟୀକା ପ୍ରଦାନରେ ପ୍ରାଥମିକତା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କହିଛନ୍ତି । ଏ କ୍ଷେତ୍ରରେ ଗୁରୁତର ରୋଗ ଭୋଗୁଥିବା ରୋଗୀଙ୍କର ଡାଟାବେସ୍ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ଏବଂ ସମାଜର ବିପଦସଂକୁଳ ବର୍ଗର ବ୍ୟକ୍ତି ମାନଙ୍କୁ ଟୀକା ପ୍ରଦାନ ସମୟରେ ବୃତିଗତ, ବୈଜ୍ଞାନିକ, ସଂପୂର୍ଣ୍ଣ ଫଳପ୍ରଦ ଯୋଜନା ପ୍ରସ୍ତୁତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ ।

ବୁଧବାର କୋଭିଡ ପରିଚାଳନା ସଂପର୍କରେ ସମୀକ୍ଷା ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଟୀକା ନେବା ପର୍ଯ୍ୟନ୍ତ ମାସ୍କ ହିଁ ହେଉଛି ସବୁଠାରୁ ଅଧିକ ଫଳପ୍ରଦ ପ୍ରତିରୋଧକ । ତେଣୁ ମାସ୍କ ବ୍ୟବହାର ସହିତ ସାମାଜିକ ଦୂରତା ଏବଂ ହାତ ଧୋଇବା ଆଦି ସୁରକ୍ଷା ବ୍ୟବସ୍ଥା ଜାରି ରଖିବା ପାଇଁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ । ଆମେରିକା ଓ ପଶ୍ଚିମ ଇଉରୋପୀୟ ଦେଶ ଏବଂ ଆମର ନୂଆଦିଲ୍ଲୀରେ ଯେଭଳି କୋଭିଡ ର ଦ୍ୱିତୀୟ ପ୍ରବାହ ଆରମ୍ଭ ହୋଇଛି, ତାକୁ ଦୃଷ୍ଟିରେ ରଖି ଆମେ ସତର୍କତାକୁ ଜାରି ରଖିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଗୋଟିଏ ମାସ ଭିତରେ ଆମେରିକାରେ ସଂକ୍ରମଣ ତିନି ଗୁଣ ବଢିବା ରୋଗର ଗୁରୁତର ଦିଗ ପ୍ରତି ସୂଚୀତ କରୁଛି । ତେଣୁ ଆମକୁ ଶୀତ ଋତୁ ପାଇଁ ସତର୍କ ରହିବା ସହିତ କୋଭିଡ ହସ୍‌ପିଟାଲର ଆଇସିୟୁ ଗୁଡିକୁ ମଧ୍ୟ କାର୍ଯ୍ୟକ୍ଷମ ରଖାଯାଇଛି ବୋଲି କହିଥିଲେ । ଆମର ଆଗୁଆ ଯୋଜନା,

ଭିତିଭୂମି ସୃଷ୍ଟି, ଦକ୍ଷତା ଏବଂ ବିଭିନ୍ନ ସ୍ତରରେ ଯୋଜନାକୁ କାର୍ଯ୍ୟକାରୀ କରିବାରେ ଫଳପ୍ରଦ ତଦାରଖ ଜରିଆରେ ଆମେ ଯେପରି ସଂକ୍ରମଣକୁ ନିୟନ୍ତ୍ରଣ କରିପାରିଲେ, ଟୀକାକରଣ ପାଇଁ ମଧ୍ୟ ଏବେଠାରୁ ସେହି ଅନୁଭବକୁ ଉପଯୋଗ କରିବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସେହିପରି ଲୋକଙ୍କ ଜୀବନ ଜୀବିକା ଯେପରି ବ୍ୟାହତ ନ ହୁଏ, ସେ ଦିଗ ପ୍ରତି ମଧ୍ୟ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ପରାମର୍ଶ ଦେଇଥିଲେ ଏବଂ ଏହାର ନିୟମିତ ସମୀକ୍ଷା ପାଇଁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଚଳିତ ବର୍ଷ ଓଡିଶା ଜାତୀୟ ସ୍ତରରେ ଶ୍ରେଷ୍ଠ ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନକାରୀ ରାଜ୍ୟ ଭାବରେ ବିବେଚିତ ହୋଇଥିବା ଏବଂ କଳାହାଣ୍ଡି ଜିଲ୍ଲା ବେଷ୍ଟ ଇନଲାଣ୍ଡ ଡିଷ୍ଟ୍ରିକ୍ଟ ପୁରସ୍କାର ପାଉଥିବାରୁ ମୁଖ୍ୟମନ୍ତ୍ରୀ ରାଜ୍ୟ ମତ୍ସ୍ୟ ଓ ପଶୁପାଳନ ବିଭାଗ ଓ କଳାହାଣ୍ଡି ଜିଲ୍ଲା ବାସୀ କୁ ଅଭିନନ୍ଦନ ଜଣାଇଥିଲେ । କରୋନା ପରିସ୍ଥିତିକୁ ଦୃଷ୍ଟିରେ ରଖି ଦଶମ ଓ ଯୁକ୍ତ ଦୁଇ ପରୀକ୍ଷା କିପରି ପରିଚାଳନା କରାଯାଇପାରିବ, ସେ ସଂପର୍କରେ ବିଚାର ଆଲୋଚନା କରିବା ପାଇଁ ମୁଖ୍ୟମନ୍ତ୍ରୀ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏ ଦିଗରେ ଭାରତ ସରକାର ଏବଂ ଅନ୍ୟ ରାଜ୍ୟମାନେ କଣ ପଦକ୍ଷେପ ନେଉଛନ୍ତି, ତାକୁ ମଧ୍ୟ ବିଚାରକୁ ନେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ପୂଜା ଋତୁରେ ଜନସାଧାରଣ ଶୃଙ୍ଖଳିତ ଭାବରେ ନିୟମ ପାଳନ କରିଥିବାରୁ ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଥିଲେ ଏବଂ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ନିଷ୍ଠା ଯୋଗୁ ଆଜି ଓଡିଶାରେ ଆରୋଗ୍ୟ ହାର ୯୭ ପ୍ରତିଶତ ବୃଦ୍ଧି ପାଇ ଆରୋଗ୍ୟଙ୍କ ସଂଖ୍ୟା ୩ ଲକ୍ଷ ଟପି ଥିବାରୁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ବିଶେଷ ଧନ୍ୟବାଦ ଜଣାଇଥିଲେ । ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ ତ୍ରିପାଠୀ ଶୀତ ଋତୁରେ ▶▶ପୃଷ୍ଠା ୭

ପୁରୀ ପାଇଁ ମୁଁ ପରିଚିତ : ସମ୍ବିତ ପାତ୍ର

ଭୁବନେଶ୍ୱର,୧୮।୧୧ (ନି.ପ୍ର): ଜଗନ୍ନାଥ ଧାମ ପୁରୀ ପାଇଁ ଓଡିଶା ପରିଚିତ । ପୁରୀ ଧାମ ସମଗ୍ର ଭାରତ ଏବଂ ଓଡିଶାର ଗର୍ବ । ପୁରୀ ପାଇଁ ମୁଁ ପରିଚିତ ହୋଇଛି । ପୁରୀରୁ ନିର୍ବାଚନ ଲଢିବା ପରେ ମୋତେ ଲୋକେ ଚିହ୍ନିଲେ ବୋଲି କହିଛନ୍ତି ବିଜେପିର ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର । ସମ୍ବିତଙ୍କ ପାଇଁ ପୁରୀକୁ ଦେଶବାସୀ ଚିହ୍ନିଲେ ବୋଲି ବିଜେପି ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ଦେଇଥିବା ବିବାଦୀୟ ମନ୍ତବ୍ୟ ସମ୍ପର୍କରେ ସମ୍ବିତ ବୁଧବାର ଦିନ ଏକ ,ଭିଡିଓ ଜାରି କରି ଏହା କହିଛନ୍ତି । ଅନ୍ୟପକ୍ଷରେ କରୋନାର ଏସଓପି ଅନୁସରଣ କରି ଭକ୍ତମାନଙ୍କ ପାଇଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରର ଦ୍ୱାର ଖୋଲିବା ପାଇଁ ଓଡ଼ିଶା ରାଜ୍ୟ ସରକାରଙ୍କୁ ସେ ଅନୁରୋଧ କରିଛନ୍ତି । ପ୍ରଭୁ ଶ୍ରୀ ଜଗନ୍ନାଥ ସମଗ୍ର ବିଶ୍ୱ ବହ୍ମାଣ୍ଡର ପ୍ରାଣକେନ୍ଦ୍ର । କରୋନା ସଙ୍କଟ ସମୟରେ ଶ୍ରୀମନ୍ଦିର ବନ୍ଦ ଥିବାରୁ ଲକ୍ଷ ଲକ୍ଷ ଭକ୍ତ ମହାପ୍ରଭୁଙ୍କ ଦର୍ଶନ ପାଇବାରୁ ବଂଚିତ ଅଛନ୍ତି । ଏବେ ଦେଶର ବିଭିନ୍ନ ରାଜ୍ୟରେ କରୋନା ଗାଇଡଲାଇନ ଅନୁଯାୟୀ ମନ୍ଦିର ଖୋଲା ଯାଇଛି । ରାଜ୍ୟରେ ବି କରୋନା ▶▶ପୃଷ୍ଠା ୭

ବିଧାନସଭା ଅଧିବେଶନ ପୂର୍ବରୁ ସର୍ବଦଳୀୟ ବୈଠକ

ଶୀତକାଳୀନ ଅଧିବେଶନରେ ରହିବନି ପ୍ରଶ୍ନକାଳ

ଭୁବନେଶ୍ୱର,୧୮।୧୧ (ନି.ପ୍ର): ଆଗାମୀ ୨୦ ତାରିଖରୁ ହେବାକୁ ଥିବା ଓଡିଶା ବିଧାନସଭାର ଶୀତକାଳୀନ ଅଧିବେଶନ କୋବିଡ ଗାଇଡଲାଇନ ଅନୁସାରେ ହେବ । ପ୍ରତ୍ୟେକ ଦିନ ସାଢେ ଚାରି ଘଂଟା ଗୃହର ବୈଠକ ବସିବ । ଏହି ଅଧିବେଶନରେ ପ୍ରଶ୍ନୋତର କାର୍ଯ୍ୟକ୍ରମ ହେବ ନାହିଁ । ଓଡିଶା ବିଧାନସଭାର ଶୀତକାଳୀନ ଅଧିବେଶନ ପୂର୍ବରୁ ଆୟୋଜିତ ସର୍ବ ଦଳୀୟ ବୈଠକ ପରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଏହି ସୂଚନା ଦେଇଛନ୍ତି ।

ବାଚସ୍ପତି କହିଛନ୍ତି ଯେ ଆସନ୍ତା ୨୦ ତାରିଖଠାରୁ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଅଧିବେଶନରେ ଶନିବାର ଏବଂ ରବିବାର ଦିନ ମଧ୍ୟ ଗୃହ କାର୍ଯ୍ୟ ଚାଲୁରହିବ । ବିଧାନସଭା ଆରମ୍ଭ ଦିବସ ଦିବା ୧୧ ଘଟିକାରୁ ଥିବା ସ୍ଥଳେ ଅନ୍ୟ ଦିବସଗୁଡ଼ିକରେ ପୂର୍ବାହ୍ନ ୧୦ଟା ୩୦ ମିନିଟ୍ ରୁ ଅପରାହ୍ନ ୧ଟା ଏବଂ ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ଗୃହ କାର୍ଯ୍ୟ ଚାଲିବ । ବିଧାନସଭା ଅଧିବେଶନ କାଳରେ କୌଣସି ତାରକା ପ୍ରଶ୍ନ ରହିବ ନାହିଁ ଏବଂ ଅଣତାରକା ପ୍ରଶ୍ନଗୁଡ଼ିକର ଉତର ବିଧାନସଭା ସଭ୍ୟମାନଙ୍କୁ ଡାକ ଯୋଗେ ଯୋଗାଇ ଦିଆଯିବ । ନଭେମ୍ବର ୨୬, ୨୭ ଏବଂ ୨୮ ତାରିଖ ଦିନ ଅନୁଦାନ ନିମନ୍ତେ ଦାବି ୨୦୨୦-୨୧ ମସିହା ପାଇଁ ପ୍ରଥମ ଅତିରିକ୍ତ ଖର୍ଚ୍ଚ ବିବରଣୀ ଏବଂ ନଭେମ୍ବର ୨୯

ତାରିଖ ଦିନ ୨୦୨୦-୨୧ ମସିହା ପାଇଁ ପ୍ରଥମ ଅତିରିକ୍ତ ଖର୍ଚ୍ଚ ବିବରଣୀ ଉପରେ ବିନିଯୋଗ ବିଲ୍ ଗୃହରେ ଆଗତ ହେବ । ବୟସାଧିକ ବିଧାୟକ କିମ୍ବା ରକ୍ତଚାପ, ମଧୁମେହ ଇତ୍ୟାଦି ରୋଗରେ ପୀଡ଼ିତ ବିଧାୟକମାନେ ଯଦି ଚାହିଁବେ ବିଧାନସଭା ଅଧିବେଶନକୁ ନଆସି ଓକାକ୍ ଭୁବନେଶ୍ୱର, ▶▶ପୃଷ୍ଠା ୭

ବିଳମ୍ବ ହେଲେ ମଧ୍ୟ ମାଟ୍ରିକ ଓ ଯୁକ୍ତ ୨ ପରୀକ୍ଷା ନିଶ୍ଚୟ ହେବ: ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର,୧୮।୧୧ (ନି.ପ୍ର): କରୋନା କାରଣରୁ ଚଳିକ ଶିକ୍ଷା ବର୍ଷରେ ମାଟ୍ରିକ ଓ ଯୁକ୍ତ ୨ ପରୀକ୍ଷାରେ ବିଳମ୍ବରେ ହେଲେ ମଧ୍ୟ ଏହା ନିଶ୍ଚିତ ଭାବେ ହେବ ବୋଲି ସୂଚନା ଦେଇଛନ୍ତି ରାଜ୍ୟ ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ । ସେ କହିଛନ୍ତି ଯେ ସର୍ବନିମ୍ନ ପାଠ ପଢା ୩ ମାସ ପରେ ମାଟ୍ରିକ ଓ ଯୁକ୍ତ ୨ ପରୀକ୍ଷା ଅନୁଷ୍ଠିତ ହେବ । ଯଦି ସର୍ବ ଭାରତୀୟ ସ୍ତରରେ ପରୀକ୍ଷା ବନ୍ଦ ପାଇଁ କେନ୍ଦ୍ର ସରକାର ନିଷ୍ପତି ନିଅନ୍ତି ତେବେ ପରୀକ୍ଷା ବନ୍ଦକରା ଯାଇ ପାରେ

। ତେବେ ପରୀକ୍ଷା ବନ୍ଦ ହେଲେ ପିଲା ମାନେ ବର୍ଷେ ପଛାଇ ଯିବେ ତେଣୁ ଏ ନେଇ ରାଜ୍ୟ ସରକାର କୌଣସି ନିଷ୍ପତି ନେବେ ନାହିଁ । ସେ କହିଛନ୍ତି ଯେ ଆଗାମୀ ୩୧ ଡିସେମ୍ବର ପରେ ସ୍କୁଲ ଖୋଲିବା ନେଇ ବିଚାର କରା ଯିବ ।

ଘନ କୁହୁଡି ପାଇଁ ୧୨ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର,୧୮।୧୧ (ନି.ପ୍ର): ଉତର-ଓଡିଶା ଉପକୂଳରେ ଗୁରୁଚାପ ବଳୟ ପ୍ରଭାବ ରେ ଆସନ୍ତା ୧୯ ଏବଂ ୨୦ତାରିଖ ସକାଳ-ସମୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଘନ କୁହୁଡି ଦେଖାଦେବ । ଏ ନେଇ ୧୨ଟି ଜିଲ୍ଲାକୁ ୟେଲୋୱାର୍ଣ୍ଣିଂ ଜାରି କରିଛି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର । ଏହି ୧୨ଟି ଜିଲ୍ଲା ମଧ୍ୟରେ ରହିଛି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ଖୋର୍ଦ୍ଧା, ସୁନ୍ଦରଗଡ, ଢ଼େଙ୍କାନାଳ, ଅନୁଗୁଳ, କନ୍ଧମାଳ ଏବଂ ମୟୂରଭଞ୍ଜ । ଏହି ସବୁ ଜିଲ୍ଲାର ଗୋଟେ କିମ୍ବା ଦୁଇଟି ସ୍ଥାନରେ ଘନ କୁହୁଡି ରହିବ ବୋଲି ଭୁବନେଶ୍ୱର ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।

ଭୁବନେଶ୍ୱରରୁ ୨୪ ଘଂଟାରେ ୫୭ ପଜିଟିଭ୍ , ୬୦ ସୁସ୍ଥ

ଭୁବନେଶ୍ୱର,୧୮।୧୧ (ନି.ପ୍ର): ରାଜଧାନୀରୁ ବୁଧବାର ଦିନ ଆଉ ୫୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିରେ ୧୭ ଜଣ ସଂଗରୋଧ ଓ ୪୦ ଜଣ ସ୍ଥାନୀୟ ଅଂଚଳରୁ ଅଛନ୍ତି । ଅନ୍ୟପକ୍ଷରେ ୬୦ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ଏବଂ ▶▶ପୃଷ୍ଠା ୭

ଶପଥ ଗ୍ରହଣ କଲେ ଦୁଇ ନବ ନିର୍ବାଚିତ ବିଧାୟକ

ଭୁବନେଶ୍ୱର,୧୮।୧୧ (ନି.ପ୍ର): ବାଲେଶ୍ୱର (ସଦର)ର ନବ ନିର୍ବାଚିତ ବିଧାୟକ ସ୍ୱରୂପ ଦାସ ଓ ତିର୍ତୋଲର ନବ ନିର୍ବାଚିତ ବିଧାୟକ ବିଜୟ ଶଙ୍କର ଦାସ ଆଜି ବିଧାୟକ ଭାବେ ଶପଥ ଗ୍ରହଣ କରିଛନ୍ତି । ବାଚସ୍ପତିଙ୍କ କକ୍ଷରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ତାଙ୍କୁ ଶପଥ ଗ୍ରହଣ କରାଇଛନ୍ତି । ଏହି ଅବସରରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମଧ୍ୟ ଉପସ୍ଥିତ ଥିଲେ । ଉଭୟ ନବ ନିର୍ବାଚିତ ବିଧାୟକ ଆଗାମୀ ୨୦ ତାରିଖରୁ ବସିବାକୁ ଥିବା ଶୀତକାଳୀନ ଅଧିବେଶନରେ ଭାଗ ନେବେ ।

ବ୍ରାଉନସୁଗାର ବିକ୍ରି ଅଭିଯୋଗରେ ବିଏମସି ପିଅନ ଗିରଫ

ଭୁବନେଶ୍ୱର,୧୮।୧୧ (ନି.ପ୍ର): ବ୍ରାଉନ୍ ସୁଗାର କାରବାର କରୁଥିବା ବେଳେ ଗିରଫ ହୋଇଛନ୍ତି ଭୁବନେଶ୍ୱର ମହାନଗର ନିଗମ (ବିଏମସି)ର ଠିକା ପିଅନ । ବ୍ରାଉନ୍ ସୁଗାର ବିକ୍ରି କରୁଥିବା ବେଳେ ଠିକା ପିଅନ ଦିଲୀପ ବେହେରାଙ୍କୁ ଲିଙ୍ଗରାଜ ଥାନା ପୋଲିସ ଗିରଫ କରିଛି । ତାଙ୍କ ଠାରୁ ୭.୫ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି । ଯାହାର ମୂଲ୍ୟ ପାଖାପାଖି ୮୦ ହଜାର ଟଙ୍କା ହେବ । ଏଥିସହ ତାଙ୍କଠାରୁ ୪୨ ହଜାର ଟଙ୍କା, ୫ଟି ମୋବାଇଲ, ୪୦ ଗ୍ରାମ ସୁନା ଓ କାର ମଧ୍ୟ ଜବତ କରାଯାଇଛି । ଦିଲୀପଙ୍କର ୭ଟି ବ୍ୟାଙ୍କ ଆକାଉଂଟ ଥିବା ଲିଙ୍ଗରାଜ ପୋଲିସ ସୂଚନା ଦେଇଛି ।

କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୪୧ ଗିରଫ

ଭୁବନେଶ୍ୱର,୧୮।୧୧ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୨ ଟି ମାମଲା ରୁଜୁ କରିଛି । ୪୧ ଜଣଙ୍କୁ ଗିରଫ କରା ଯାଇଥିବା ବେଳେ ୬୭୭ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୧୯,୨୧,୦୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

୬୮ ଗ୍ରାମ ବ୍ରାଉନ୍‌ସୁଗାର ସହ ୩ ଲକ୍ଷ ୨୩ ହଜାର ଟଙ୍କା ଜବତ୍ : ୧ ଅଭିଯୁକ୍ତ ଗିରଫ

ଜଳେଶ୍ୱର,୧୮।୧୧ (ନି.ପ୍ର): ବ୍ରାଉନ୍‌ସୁଗରର ହବ୍ ଜଳେଶ୍ୱରରୁ ଆଜି ବୁଧବାର ଭୋର ସମୟରେ ୬୮ ଗ୍ରାମ ବ୍ରାଉନ୍‌ସୁଗର ସହିତ ୩ଲକ୍ଷ ୨୨ହଜାର ୯୫୦ଟଙ୍କା ସହିତ ଅଭିଯୁକ୍ତକୁ ଗିରଫ କରିବାରେ ଜଳେଶ୍ୱର ପୁଲିସ୍ ସକ୍ଷମ ହୋଇଛି । ପ୍ରକାଶଯୋଗ୍ୟ ଅଭିଯୁକ୍ତ ଜଣକ ଅନ୍ୟ ୩୨ ଗ୍ରାମ ଅନ୍ୟ ବେପାରୀକୁ ବିକ୍ରିକରି ସେଥିରୁ ପାଇଥିବା ଉପରୋକ୍ତ ଟଙ୍କାକୁ ମଧ୍ୟ ପୁଲିସ୍ ଜବତ୍ କରିବାରେ ସକ୍ଷମ ହୋଇଛି । ଜବତ୍ ବ୍ରାଉନ୍ ସଗରର ମୂଲ୍ୟ ୬ଲକ୍ଷ ୮୦ହଜାର ଟଙ୍କା ହେବ ବୋଲି ଆକଳନ କରାଯାଇଛି । ଧଳାଜହର ଚୋରା ବ୍ୟବସାୟର ଏକ ଚାରି ଜଣିଆ ଟିମ୍ ଭୁବନେଶ୍ୱରରୁ ଜଳେଶ୍ୱର ଆସି ବ୍ରାଉନ୍‌ସୁଗର ନେବାର ମସୁଧା ହୋଇଥିଲା । କୌଣସି ପ୍ରକାରେ ଏପରି ଏକ ସର୍ଗ୍ଗିଗ୍ଗ ଘଟଣା ଜଳେଶ୍ୱର ପୁଲିସଥର ହସ୍ତଗତ ହେଲା । ତେଣୁ ଏସ୍‌ଡିପିଓ ଅଙ୍କିତା କୁମ୍ଭାର ଓ ଆଇଆଇସି ମାନସ କୁମାର ଦେୟ ସଦଳବଳେ ଜଳେଶ୍ୱରର କେତେକ ସ୍ଥାନରେ ତିକ୍ଷ୍ଣଣ ଦୃଷ୍ଟି ରଖିଥିଲେ । ଥାନାର ଅଳ୍ପଦୂର ଜଳେଶ୍ୱର ହାଟଛକ ନିକଟ ସେକ୍‌ବାର୍ଡ ର ଏକ ନିର୍ଦ୍ଦିଷ୍ଟ ଘର ଉପରେ ପୁଲିସ୍ ଚଢାଉ କରିଥିଲା । ଏହି କାରବାରରେ ସଂପୃକ୍ତ ଥିବା ଅଭିଯୁକ୍ତ ମୀର ସିଦ୍ଦିକ ଓରଫ ମଡିଆ କୁ ପୁଲିସ୍ କାବୁ କରିଥିଲା । ତା ନିକଟରୁ ୬୮ ଗ୍ରାମର ବ୍ରାଉନ୍‌ସୁଗର ମଧ୍ୟ ଜବତ୍ ହୋଇଥିଲା । ଯାହାର ଆନୁମାନିକ ମୂଲ୍ୟ ୬ଲକ୍ଷ ୮୦ଜହାର ହେବ । ପ୍ରକାଶଯୋଗ୍ୟ ଏହା ପୂର୍ବରୁ ସେ ୩୨ ଗ୍ରାମ ଧଳାଜହରକୁ ଅନ୍ୟଜଣେ ପାର୍ଟିକୁ ନଗଦ ବିକ୍ରି କରି ୩ଲକ୍ଷ ୨୨ହଜାର ୯୫୦ଟଙ୍କା ପାଇଥିଲା । ଯାହାକୁ ପୁଲିସ୍ ମଧ୍ୟ ଜବତ୍ କରିଥିବା ଆଇ.ଆଇ.ସି ଶ୍ରୀ ଦେୟଙ୍କ ଠାରୁ ପ୍ରକାଶ । କିନ୍ତୁ ପୁଲିସ୍ ଭୁବନେଶ୍ୱରରୁ ଆସିଥିବା ଟିମ୍ ସଂପର୍କରେ ଖୋଳତାଡ କରି ମଧ୍ୟ ସୁରାକ ପାଇପାରି ନାହିଁ । ସୂଚନା ଯୋଗ୍ୟ ପ୍ରତିଦିନ ବ୍ରାଉନ୍‌ସୁଗରର ଚୋରାକାରବାର ଚାଲୁଥିବା ବେଳେ କୌଣସିନା କୌଣସି ସ୍ଥାନରୁ ▶▶ପୃଷ୍ଠା ୭

ଦୋକାନ ଭିତରକୁ ମାଡିଗଲା ଟ୍ରକ୍ : ଦୁଇ ମୃତ, ଦୁଇ ଗୁରୁତର

କେନ୍ଦୁଝର,୧୮।୧୧ (ନି.ପ୍ର): କେନ୍ଦୁଝରରେ ଦୋକାନ ଭିତରକୁ ମାଡିଗଲା ଟ୍ରକ୍ । ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଛି । ଦୁଇ ଜଣଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଅନ୍ୟ ଜଣକର ମୃତ୍ୟୁ ଘଟିଛି । କେନ୍ଦୁଝର ସହର ଠାରୁ ପ୍ରାୟ ୧୦ କି.ମି. ଦୂର ଶୁଆକାଟୀ ସ୍ଥିତ ଓ.ଏମ. ସି. ଖଣିର ଜାଗର କଟା ନିକଟରେ ଲୁହା ପଥର ଲୋଡ କରିବାକୁ ଦ୍ରୁତ ଗତିରେ ଯାଉଥିବା ଏକ ଟ୍ରକ୍ ହଠାତ୍ ଭାରସାମ୍ୟ ହରାଇ ଶୁଆକାଟୀ ସ୍ଥିତ ଶିବ ମନ୍ଦିର ସମ୍ମୁଖରେ ଥିବା ଏକ ତେଜରାତି ଦୋକାନ ଭିତରକୁ ମାଡିଯାଇଥିଲା । ସେହି ସମୟରେ ସେହି ଦୋକାନ ରେ କିଛି ସ୍ଥାନୀୟ ଲୋକେ ଜିନିଷ କିଣୁଥିଲେ । ଭଗବାନଙ୍କ ଦୟାରୁ ସେମାନେ ସମସ୍ତେ ବଂଚି ଯାଇଥିବା ବେଳେ ଦୋକାନର ମାଲିକ ▶▶ପୃଷ୍ଠା ୭

ନୂତନ କୋର୍ଟ କମ୍ପ୍ଲେକ୍ସ ଗୃହକୁ ଇ-ଉଦ୍‌ଘାଟନ କଲେ ମୁଖ୍ୟ ବିଚାରପତି

ଅତିରିକ୍ତ ଜିଲ୍ଲା ଦୌରାଜଜ୍ କୋର୍ଟ ଖୁବ୍ ଶୀଘ୍ର : ଜିଲାର ବହୁ ଜଜ୍‌ଙ୍କ ଯୋଗଦାନ

ଜଳେଶ୍ୱର,୧୮।୧୧ (ନି.ପ୍ର): ବହୁ ପ୍ରତିକ୍ଷିତ ଜଳେଶ୍ୱର କୋର୍ଟ କମ୍ପ୍ଲେକ୍ସ ଗୃହ ଗୁଡିକୁ ଓଡିଶାର ମୁଖ୍ୟ ବିଚାରପତି ମହମ୍ମଦ ରଫିକ୍‌ଙ୍କ ଦ୍ୱାରା ଆଜି ଅପରାହ୍ନ ୩.୩୫ରେ ଇ-ଉଦ୍‌ଘାଟନ ଅନୁଷ୍ଠିତ ହୋଇ ଯାଇଛି । ହାଇକୋର୍ଟ ପରିସରରେ ମୁଖ୍ୟବିଚାରପତି ଏହାକୁ ଲୋକାର୍ପିତ କରିଥିବା ବେଳେ ଜଳେଶ୍ୱରର ନୂତନ କୋର୍ଟ କମ୍ପ୍ଲେକ୍ସ ଠାରେ କୋଭିଡ୍ ଆଇନ୍‌କୁ ଲକ୍ଷ୍ୟ କରି ଏକ ସଭା ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ବିଚାରପତି ମୁନ୍ୟବର ରଫିକ୍ ଉଦ୍‌ଘାଟନ କରି ଜଷ୍ଟିସ୍ ଏଟ୍ ଦି ଡୋର୍ ଷ୍ଟେପ୍ ନ୍ୟାୟରେ ବିଚାର ବିଭାଗକୁ ଅଧିକ କ୍ରିୟାଶୀଳ କରିବା ଲାଗି ଜଳେଶ୍ୱରରେ କୋର୍ଟ କମ୍ପ୍ଲେକ୍ସକୁ ଲୋକାର୍ପିତ କରାଯାଇଥିବାର କହିଥିଲେ । ଏକ କୋଟି ୩୮ ଲକ୍ଷ ଟଙ୍କା ବ୍ୟୟରେ ପୂର୍ବରୁ ଥିବା ୟୁନିଫାରଏଡ୍ ଚେକ୍‌ଗେଟ୍ ଅଫିସ୍ ଗୃହଗୁଡିକର ନବକଳେବର କରାଯାଇ ଥିବାର ସେ ସୂଚନା ଦେଇଥିଲେ । ଜଳେଶ୍ୱରରେ ଅତିଶୀଘ୍ର ଏଡିଜେ କୋର୍ଟ ପ୍ରତିଷ୍ଠା ହେବାକୁ ଯାଉଥିବାର ସେ କହିଥିଲେ । ନ୍ୟାୟ ପାଇଁ ବହୁ ମାମଲା ରହିଥିବାରୁ ସେସବୁର ତ୍ୱରିତ୍ ବିଚାର ଲାଗି ପଦକ୍ଷେପ ଗ୍ରହଣ କରାଯାଉଥିବାର ସେ କହିଥିଲେ । ହାଇକୋର୍ଟ ପରିସରରେ ଏହି ବୈଠକରେ ମାନ୍ୟବର ବିଚାର ପତି ସଂଗମ୍ କୁମାର ସାହୁ ମଧ୍ୟ ଉପସ୍ଥିତ ଥିଲେ । ଭିଡିଓ କନ୍‌ଫାରେନ୍‌ସିଂ ଜରିଆରେ ଏହା ଉଦ୍‌ଘାଟିତ ହୋଇଥିବା ବେଳେ ଜଳେଶ୍ୱରର ୬୦ନଂ ଜାତୀୟ ରାଜପଥ କଡରେ ନୂଆ କୋର୍ଟ କମ୍ପ୍ଲେକ୍ସ ଠାରେ ଜିଲା ଜଜ୍ ହିରନ୍‌ମୟ ବିଶୋଇ ଧନ୍ୟବାଦ ଅର୍ପଣ କରିଥିଲେ । ସଭାପରେ ଜଳେଶ୍ୱର ବାର୍ ଏସୋସିଏସନ୍ ପକ୍ଷରୁ ଚେୟାର୍‌ମ୍ୟାନ୍ ଅବଧୁତ ଚନ୍ଦ୍ର ଜେନା, ସେକ୍ରେଟାରୀ ବିନୋଦ କୁମାର ସାହୁ ୭ ଦଫା ସମ୍ବଳିକ ଜନସ୍ୱାର୍ଥ ଦାବି ସଂପର୍କରେ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ସେଠାରେ ଉପସ୍ଥିତ ଥିବା ବାଲେଶ୍ୱର ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତିଙ୍କୁ ହସ୍ତାନ୍ତର କରିଥିଲେ । ଏହି ସ୍ଥାନଟି ଜଳେଶ୍ୱର ସହରଠାରୁ ୫ କି.ମି ଦୂରରେ ଥିବାରୁ ଘଟଣାସ୍ଥଳରେ ତଥା କୋର୍ଟ ପରିସରରେ ଏକ ପୋଲିସ୍ ଫାଣ୍ଡି ପ୍ରତିଷ୍ଠା, ସ୍ଥାୟୀ ପଦଚଲା ଉଡନ୍ତା ପୋଲ, ଦ୍ରୁତ ଗାଡି ନିୟନ୍ତ୍ରଣ, ଅତିରିକ୍ତ ଜିଲା ଦୌରାଜଜ୍ ଓ ଅନ୍ୟଏକ ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ କୋର୍ଟ୍ ସ୍ଥାପନ, ୱାଟର ଏଟିଏମ୍ ପ୍ରତିଷ୍ଠା, ଜାତାୟତ ଲାଗି ମୋ ବସ୍ ସେବା ସହିତ ରାଜ୍ୟ ବସ୍ ଟର୍ମିନାଲ ନିମାଣ କରାଯିବାକୁ ସେମାନେ ଦାବି ଜଣାଇଥିଲେ । ସର୍ବପୋରି ଜଳେଶ୍ୱରକୁ ଏକ ସବ୍‌ଡିଭିଜନ୍ ଘୋଷଣା ଲାଗି ଦାବି କରିଥିଲେ । ବାଲେଶ୍ୱର ଏସ୍ ପି. ସୁଧାଂଶୁ ସେଖର ମିଶ୍ର, ବିଚାରପତି ଏନୁମୁଲ୍ଲା ବିଘ୍ନେଶ୍ୱର ରାଓ, ସୁବାସ କୁମାର ବିହାରି, ଲଳିତା ମଂଜରି ପଟ୍ଟନାୟକ, ବିଜୟ କୁମାର ଦାସ, ରୁଦ୍ରପ୍ରସାଦ ମହାପାତ୍ର, ସର୍ବେଶ୍ୱର ଦାସ, ସୁନିତା ପଟ୍ଟନାୟକ, ସ୍ୱୟଂପ୍ରକାଶ ଦାସ, ଆଶିଷ କୁମାର ସାହୁ, ବୈଶାଳୀ ନାୟକ, ସଗ୍ରାମ କୁମାର ମିଶ୍ର, ବିମଳ ଲକ୍ଷ୍ମୀ ଚୌଧୁରୀ, ମିଲନ ଚଣ୍ଡି , ପ୍ରକାଶ କୁମାର କର, ଅଂଗସ୍ୱରୂପା ଚାଟାର୍ଜି, ହିତଶ୍ରୀ ବେହେରା, ମୋନାଲୀ ବେହେରା, ସ୍ୱନ୍‌ସି ସେନିଲ, ସୋମେଶ ସୌମ୍ୟଜିତ୍ ପଣ୍ଡା, ସୁକୁମାର ମହାପାତ୍ର, ଜଳେଶ୍ୱର କୋର୍ଟର ଇନ୍ଦିରା ପ୍ରିୟଦର୍ଶନୀ, ପାର୍ଥ ପ୍ରତିକ, ଏରା ପଟ୍ଟନାୟକ, ସ୍ୱର ଓ ନିଳଗିରିର ତପନ କୁମାର ବେହେରା, ପ୍ରଜ୍ଞାପାରମିତା ପ୍ରତିହାରୀ, ମଧୁସ୍ମିତା ଜେନା, ବିଭୁକଲ୍ୟାଣ ପାହାଡି, ଶଶିକାନ୍ତ ପ୍ରଧାନ, ସନ୍ତୋଷ କୁମାର ବୈଥାଳି, ଶିବ ପ୍ରସାଦ ରାଉତ ପ୍ରମୁଖ ବିଚାରପତି ଉପସ୍ଥିତ ଥିଲେ । ଅତିରିକ୍ତ ପିପି ନିତ୍ୟଗୋପାଳ ଦାସ, ଅତିରିକ୍ତ ଜିପି ସୁଧାଂଶୁ ସେଖର ଦାସ, ବରିଷ୍ଠ ଆଇନ୍‌ଜିବୀ ଚିନ୍ମୟ କୁମାର ଦାସ, ଅନୀଲ କୁମାର ପରିଡା, ସତ୍ୟସୁନ୍ଦର ଦାସ, ତୁଷାଣ କାନ୍ତି ମହାନ୍ତି, ମଦନମୋହନ ରାଉଳ, ସୁନ୍ତନୁ ପଟ୍ଟନାୟକ, ପତିତପାବନ ପଟ୍ଟନାୟକ, ପୂର୍ଣ୍ଣେନ୍ଦୁ ଆଚାର୍ଯ୍ୟ, ହରିଶଂକର ବ୍ରହ୍ମ, ଫରିଦ୍ ଅହମ୍ମଦଙ୍କ ସହିତ ତହସିଲଦାର କ୍ଷୀରୋଦ କୁମାର ପଣ୍ଡା, ଏସ୍‌ଡିପିଓ ଅଂକିତା କୁମ୍ଭାର, ଆଇଆଓି ମାନସ କୁମାର ଦେୟ ପ୍ରମୁଖ ବହୁ ଓକିଲ ଓ ପ୍ରଶାସନୀକ ଅଧିକାରୀ ଯୋଗ ଦେଇଥିଲେ ।

ଗୁଣୁପୁର ପୌର ପରିଷଦରେ ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

ଗୁଣୁପୁର,୧୮।୧୧ (ନି.ପ୍ର): ସ୍ଥାନୀୟ ଗୁଣୁପୁର ପୌର ପରିଷଦ ଅଞ୍ଚଳରେ ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଉଦ୍ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ହାଉସିଂବୋର୍ଡ କଲୋନୀ ଓ ଆମ୍ବେଦକର ନଗର ଅଞ୍ଚଳରେ ବିଭିନ୍ନ ପ୍ରକଳ୍ପ ଉଦଘାଟିତ ହୋଇଛି । ହାଉସିଂବୋର୍ଡ ଠାରେ ପୌର ପରିଷଦ ପକ୍ଷରୁ ଗୋଷ୍ଠୀ ଶୌଚାଳୟ ଓ ଆମ୍ବେଦକର ନଗର ଠାରେ ଜାଗା ମିଶନ ପ୍ରକଳ୍ପରେ ଗୋଷ୍ଠୀ ମଣ୍ଡପ ନିର୍ମାଣ କରାଯାଇଥିଲା । ଏହି ପ୍ରକଳ୍ପ ଆଜି ଉଦଘାଟିତ ହୋଇଥିବାରୁ ସ୍ଥାନୀୟ ଜନସାଧାରଣ ଉପକୃତ ହୋଇପାରିବେ ବୋଲି କୁହାଯାଇଛି । ବିଧାୟକଙ୍କ ସମେତ ଉପଜିଲ୍ଲାପାଳ ଜେ ସୋନାଲ, ଜିଲ୍ଲା ପରିଷଦ ସଭ୍ୟ ଅଶ୍ୱିନୀ ଗମାଙ୍ଗ, ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଉମା ପ୍ରସାଦ ଦାସ, ଦେବୀ ଆଚାର୍ଯ୍ୟ, ବିଷ୍ଣୁ ପ୍ରସାଦ ପଣ୍ଡା ପ୍ରମୁଖ ଯୋଗଦେଇ ଥିଲେ ।

ମଙ୍ଗରାଜପୁର ପଂଚାୟତରେ ଦିବ୍ୟାଙ୍ଗଙ୍କୁ ଉପକରଣ ବଂଟନ

ଧର୍ମଶାଳା,୧୮।୧୧ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ମଙ୍ଗରାଜପୁର ପଂଚାୟତସ୍ଥ ମଙ୍ଗରାଜପୁର ଗ୍ରାମରେ ବସବାସ କରୁଥିବା ଦିବ୍ୟାଙ୍ଗମାନଙ୍କୁ ଚଳପ୍ରଚଳ ନିମନ୍ତେ ଆବଶ୍ୟକୀୟ ଉପକରଣ ବଂଟନ କରାଯାଇଛି । ଏଥିରେ ୩୬ ନଂ ଜୋନ ଜିଲା ପରିଷଦ ସଭ୍ୟ ଚତୁଭୁଜ ଦ୍ୱିବେଦୀ,ମଙ୍ଗରାଜପୁର ସମିତି ସଭ୍ୟା ମହେଶ୍ୱତା ନାୟକ, ଯୁବନେତା ଅହିଂଶୁ ନାୟକ ଯୋଗ ଦେଇ ଦିବ୍ୟାଙ୍ଗମାନଙ୍କୁ ସାହାୟତା ବାଡି ପ୍ରଦାନ କରିଥିଲେ । ଯାହାକି ସେମାନେ ସହଜରେ ଚଳପ୍ରଚଳ କରିପାରିବେ । ଏବଂ ସେମାନଙ୍କ ସମସ୍ୟାକୁ ଖୁବ ଶୀଘ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଜଣାପଡିଛି ।

ରାଉରକେଲା ଶ୍ରମ ବିଭାଗ ବିରୋଧରେ ଆସିଥିବା ୯ କୋଟି ଟଙ୍କାର ଦୁର୍ନୀତି : ଭିଜିଲାନ୍ସ ଦ୍ୱାରା ତଦନ୍ତ ଲାଗି ଲୋକାୟୁକ୍ତଙ୍କ ନିର୍ଦ୍ଦେଶ

ରାଉରକେଲା,୧୮।୧୧ (ନି.ପ୍ର): ରାଉରକେଲା ଶ୍ରମ ବିଭାଗରେ ଶ୍ରମିକ ମାନଙ୍କୁ ବିଭିନ୍ନ ଉପକରଣ ଯୋଗାଜିବା କ୍ଷେତ୍ରରେ ପାଖା ପଖି ୯କୋଟି ଟଙ୍କାର ଦୁର୍ନୀତି ହୋଇଥିବା ନେଇ ୨୦୧୯ ମସିହାରେ ମାନ୍ୟବର ଲୋକୟୁକ୍ତଙ୍କ ପାଖରେ ହୋଇଥିବା ମାମଲାରେ ଲୋକାୟୁକ୍ତ ସେହି ଘଟଣାର ତଦନ୍ତ ୩ ମାସ ଭିତରେ କରି ରିପୋର୍ଟ କରିବାକୁ ରାଜ୍ୟ ଭିଜିଲାନ୍ସକୁ ନିର୍ଦ୍ଦେଶ ଦେଇଥିବା ନେଇ ଆଜି ସେହି ମାମଲାର ଅଭିଯୋଗକାରି ରାଜ୍ୟ ପ୍ରଦେଶ କଂଗ୍ରେସର ପୂର୍ବତନ ସଂପାଦକ ରଶ୍ମିରଂଜନ ପାଢୀ ପ୍ରକାଶ କରିଛନ୍ତି । ଆଜି ପାନପୋଷ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀ ରେ ଶ୍ରୀ ପାଢୀ କହିଛନ୍ତି ଯେ, ରାଉରକେଲା ଶ୍ରମ ବିଭାଗ ଦ୍ୱାରା ୨୦୧୯ରେ ନିର୍ମାଣ ଶ୍ରମିକ ମାନଙ୍କୁ ଯେଉଁ ପରିମାଣର ସାଇକେଲ ବଂଟନ କରାଯାଇଛି ତାହାର ଦୁଇ ପ୍ରକାର ତଥ୍ୟ ଶ୍ରମ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଛି । ଏହା ଦ୍ୱାରା ଉଭୟ ପରିମାଣକୁ ଯଦି ହିସାବକୁ ନିଆଯାଏ ତେବେ ତାହା ଭିତରେ ୧୮୭୩୪ଟି ସାଇକେଲର ଫରକ ଆସୁଛି, ଯାହାର ମୂଲ୍ୟ ୭କୋଟି ୫୮ଲକ୍ଷ ୪୭ହଜାର ୪୮୦ ଟଙ୍କା । ଏହାକୁ ସିଧା ସଳଖ ବୁଝିବାକୁ ହେଲେ ଏହି ବିଭାଗ ପକ୍ଷରୁ ଏହି ପରିମାଣର ସାଇକେଲ ଉପରେ ଏତିକି ଟଙ୍କାର ହେରାଫେରୀ କରାଯାଇଥିବା ନେଇ ଶ୍ରୀ ପାଢୀ ଲୋକାୟୁକ୍ତରେ ଅଭିଯୋଗ କରିଥିଲେ । ସେହିଭଳି ଜିଲ୍ଲାର ୬୨୨୨ ଜଣ ନିର୍ମାଣ ଶ୍ରମିକଙ୍କୁ ନିର୍ମାଣ ସରଞ୍ଜାମ ଓ ସୁରକ୍ଷା ସାମଗ୍ରୀ ପ୍ରଦାନ କରାଯାଇଛି ବୋଲି ଆରଟିଆଇରେ ସୂଚନା ଦିଆଯାଇଥିବା ବେଳେ, ପୁଣି ଆଉ ଏକ ତଥ୍ୟରେ କୁହାଯାଇଛି ଯେ, ୪୬୦୭ ଜଣ ଶ୍ରମିକଙ୍କୁ ଏହି ସବୁ ଉପକରଣ ବଂଟନ କରାଯାଇଛି । ଏହି ସବୁ କିଟ କୁ ଭେଦିକା ଭେଂଚର,(ପ୍ରା)ଏଲଟିଡି ଓ ମା ପଦ୍ମସିନି ଏଂଟରପ୍ରାଇସେସ ମାଧମରେ ପ୍ରତି କିଟ୍ ଲାଗି ୩୮୯୦ ଟଙ୍କା ଦେଇ କିଣା ଯାଇଛି । ତେବେ ଉଭୟ ସଂଖ୍ୟାକୁ ଅନୁଧ୍ୟାନ କଲେ ୧୬୧୫ଟି କିଟର ଫରକ ରହୁଛି, ଯାହାର ମୁଲ୍ୟ ୬୪ ଲକ୍ଷ ୨୭ ହଜାର ୭ ଶହ ଟଙ୍କା । ସେହିଭଳି କିଣାଯାଇଥିବା ଯନ୍ତ୍ରପାତି ଓ ସୁରକ୍ଷା ସାମଗ୍ରୀ କିଟ୍ ଗୁଡିକର ମୂଲ୍ୟ ଯାହା ଦର୍ଶାଯାଇଛି ତାହାର ମୂଲ୍ୟ ବାସ୍ତବରେ ୨୦୦୦ ଟଙ୍କା ଭିତରେ ହେବା କଥା , ମାତ୍ର ସେଗୁଡିକୁ ଚଢା ମୂଲ୍ୟ ଦେଖାଇ ସେ ବାବଦରେ ଶ୍ରମ ବିଭାଗ ୮୭ ଲକ୍ଷ ୫୩ ହଜାର ୩୦୦ ଟଙ୍କା ବିଭିନ୍ନ ସଂସ୍ଥା ଓ ବ୍ୟକ୍ତି ବିଶେଷ ମିଶି ଏହି ସରକାରୀ ଅର୍ଥକୁ ହରିଲୁଟ କରିଛନ୍ତି ବୋଲି ଶ୍ରୀ ପାଢୀ ଅଭିଯୋଗ କରିଥିଲେ । ଅନ୍ୟପକ୍ଷରେ ଏହି ବିଭାଗର ରାଉରକେଲା ଅଫିସକୁ ଯେଉଁ ୭୦୭୮୮ ଜଣ ଶ୍ରମିକଙ୍କୁ ସାଇକେଲ ଓ ସରଞ୍ଜାମ ଦେବା ଲାଗି ମୋଟ୍ ୨୮କୋଟି ୨୪ ଲକ୍ଷ ୮୦ ହଜାର ୧୩୧ ଟଙ୍କା ମିଳିଥିଲା ବୋଲି ଖୋଦ ବିଭାଗ ପକ୍ଷରୁ କୁହାଯାଇଥିବା ବେଳେ , ନିର୍ମାଣ ଶ୍ରମିକ ଚିହ୍ନଟରେ ଖୋଲାଖୋଲି ନିୟମର ଉଲ୍ଲଙ୍ଘନ କରାଯାଇ ୫୦ ଭାଗ ଜାଲ୍ କାର୍ଡ ମାଧମରେ ଏହି ଟଙ୍କାର ହଡପ କରାଯାଇଥିବା ଅଭିଯୋଗ ହୋଇଥିଲା । ଖାଲି ସେତିକି ନୁହେଁ ଏହି ସବୁ ସାମଗ୍ରୀ ଯୋଗାଇ ଦେବା ଲାଗି ଶ୍ରମିକ ମାନଙ୍କ ଠାରୁ ୧୫୦୦ରୁ ୨୦୦୦ ହଜାର ଟଙ୍କା ଲେଖାଏଁ ଲାଂଚ ମଧ ନିଆଯାଇଥିବା ନେଇ ଶ୍ରୀ ପାଢୀ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ । ତେବେ ଏକ ବର୍ଷ ଭିତରେ ଉଭୟ ପକ୍ଷର କଥା ଶୁଣି ମାନ୍ୟବର ଲୋକାୟୁକ୍ତ ଦେଇଥିବା ନିର୍ଦ୍ଦେଶକୁ ଶ୍ରୀ ପାଢୀ ସ୍ୱାଗତ କରିଥିବା ବେଳେ ତଦନ୍ତ ଓ ଶୁଣାଣି ପରେ ସେ ପରବର୍ତୀ ପଦକ୍ଷେପ ନେବେ । ଏହି ସାମ୍ବାଦିକ ସମ୍ମଳନୀରେ ତାଙ୍କର ଦଳୀୟ ସହଯୋଗୀ ଓ ସମର୍ଥକ ମାନେ ଉପସ୍ଥିତ ଥିଲେ ।

ସ୍ୱତନ୍ତ୍ର ସଂକ୍ଷିପ୍ତ ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଆରମ୍ଭ : ଜିଲ୍ଲାପାଳ ମାନଙ୍କ ସହ ଆଲୋଚନା କଲେ ମୁଖ୍ୟ ନିର୍ବାଚନ ଅଧିକାରୀ

ଭୁବନେଶ୍ୱର,୧୮।୧୧ (ନି.ପ୍ର): ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକାର ସଂଶୋଧନ କାର୍ଯ୍ୟ ନିମନ୍ତେ ଆଜି ରାଜ୍ୟର ସମସ୍ତ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ମାନଙ୍କ ସହ ଭିଡ଼ିଓ କନଫରେନ୍ସ ମାଧମରେ ଆଲୋଚନା କରିଛନ୍ତି । ରାଜ୍ୟର ସବୁ ଭୋଟ ଗ୍ରହଣ କେନ୍ଦ୍ର, ଜିଲ୍ଲା ନିର୍ବାଚନ ପଂଜିକରଣ ଅଧିକାରୀଙ୍କ କାର୍ଯ୍ୟାଳୟ, ସମସ୍ତ ତହସିଲ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଗତକାଲି ଡ୍ରାଫ୍ଟ ଭୋଟର ତାଲିକା ପ୍ରକାଶ ପାଇଛି । ଆସନ୍ତା ଜାନୁୟାରୀ ୧ ସୁଦ୍ଧା ଯେଉଁ ମାନଙ୍କୁ ୧୮ ବର୍ଷ ବୟସ ହୋଇଥିବ ସେମାନେ ଭୋଟର ତାଲିକାରେ ପଂଜୀକରଣ ନିମନ୍ତେ ବୁଥ୍ ଲେବୁଲ୍ ଅଧିକାରୀ (ବି.ଏଲ୍.ଓ)ଙ୍କ ଠାରୁ ଫର୍ମ ୬ ମାଧମରେ ଆବେଦନ କରି ପାରିବେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ବୈଠକରେ ପ୍ରକାଶ କରିଛନ୍ତି । ଏତଦ୍ ବ୍ୟତୀତ ଚିଠା ଭୋଟର ତାଲିକାରେ କିମ୍ବା ଭୋଟର ପରିଚୟ ପତ୍ରରେ ଯେକୌଣସି ପ୍ରକାରର ତ୍ରୁଟି ଥାଏ, ତାହେଲେ ସେମାନେ ମଧ୍ୟ ଫର୍ମ ନମ୍ବର-୮ ରେ ଓ ଭୋଟର ତାଲିକାରୁ ନାମ ବାଦ୍ ଦେବା ନିମନ୍ତେ ଫର୍ମ ନମ୍ବର-୭ରେ ଆବେଦନ କରିପାରିବେ । ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ନିମନ୍ତେ ରାଜ୍ୟର ସବୁ ଭୋଟର ମାନଙ୍କ ମଧ୍ୟରେ ବିଶେଷ କରି ନୂତନ ଭୋଟର ମାନଙ୍କ ପାଇଁ ବ୍ୟାପକ ସଚେତନତା ସୃଷ୍ଟି ନିମନ୍ତେ ଜିଲ୍ଲା ନିର୍ବାଚନ ଅଧିକାରୀ ମାନଙ୍କୁ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଲୋହାନୀ ନିର୍ଦ୍ଦେଶ ଦେଇଛନ୍ତି । ଏହି କାର୍ଯ୍ୟକ୍ରମ ନିମନ୍ତେ ଚାରୋଟି ସ୍ୱତନ୍ତ୍ର ଅଭିଯାନ ଦିବସ ଚଳିତ ମାସ ୨୮ ଓ ୨୯ ତାରିଖ ଏବଂ ଆସନ୍ତା ଡିସେମ୍ବର ୫ ଓ ୬ ତାରିଖକୁ ସ୍ଥିର କରାଯାଇଛି । ଉକ୍ତ ଦିନ ଗୁଡ଼ିକରେ ପ୍ରତି ଭୋଟ ଗ୍ରହଣ କେନ୍ଦ୍ରରେ (ବୁଥ୍) ସ୍ତରୀୟ ଅଧିକାରୀ ଓ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ରହି ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବେ । ଭୋଟର ତାଲିକା ସଂଶୋଧନ ନିମନ୍ତେ ଭୋଟରମାନେ ମଧ୍ୟ ନିର୍ବାଚନ ଆୟୋଗଙ୍କ ୱେବ୍ ସାଇଟ୍ ଡବ୍ଲୁ ଡବ୍ଲୁ ଡବ୍ଲୁ ଡଟ୍ ଏନ ଭି ଏସ ପି ଡଟ୍ ଇନ୍ କିମ୍ବା ଭୋଟର ହେଲ୍ପ ଲାଇନକୁ ଲଗ୍ ଇନ୍ କରିନିଜର ନାମ ତନଖି କରିପାରିବା ସହ ଫର୍ମ ଡାଉନଲୋଡ୍ କରି ଜିଲ୍ଲା ନିର୍ବାଚନ ପଂଜିକରଣ ଅଧିକାରୀଙ୍କୁ ଆବେଦନ କରିପାରିବେ । ଭୋଟର ତାଲିକାରେ ନାମ ବାଦ୍ ଦେବା ନିମନ୍ତେ ଫର୍ମ ନମ୍ବର-୭ ଏବଂ ତାଲିକାରେ ତ୍ରୁଟି ସଂଶୋଧନ ନିମନ୍ତେ ଫର୍ମ ନମ୍ବର-୮ରେ ଆବେଦନ କରିପାରିବେ । ସଂଶୋଧନ କାର୍ଯ୍ୟକ୍ରମ ଆପତି ଅଭିଯୋଗ ଜାନୁୟାରୀ ୫ ତାରିଖ ସୁଦ୍ଧା ଗ୍ରହଣ କରାଯାଇ ତାହାର ସମାଧାନ କରାଯିବ । ୨୦୨୧ ମସିହା ଜାନୁୟାରୀ ୧୫ତାରିଖରେ ସଂଶୋଧିତ ଭୋଟର ତାଲିକା ସବୁ ଭୋଟ ଗ୍ରହଣ କେନ୍ଦ୍ର, ଜିଲ୍ଲା ନିର୍ବାଚନ ପଂଜୀକରଣ ଅଧିକାରୀ, ତହସିଲ କାର୍ଯ୍ୟାଳୟ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟରେ ପ୍ରକାଶ ପାଇବ । ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମରେ ନିୟୋଜିତ ଅଧିକାରୀ ମାନଙ୍କ ବଦଳି ସଂଶୋଧନ ପ୍ରକ୍ରିୟା ଚାଲୁ ଥିବା ସମୟ ମଧ୍ୟରେ ହୋଇ ପାରିବ ନାହିଁ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ବୈଠକରେ ପ୍ରକାଶ କରିଛନ୍ତି । ଅନ୍ୟ ମାନଙ୍କ ମଧ୍ୟରେ ଏହି ବୈଠକରେ ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ, ସଂଘମିତ୍ରା ଶତପଥି ଓ ଶତ୍ରୁଘ୍ନ କର, ଉପମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ସାହୁ, ସଫୁଓ୍ୱର ଇଂଜିନିୟର ଇନ୍ଦ୍ରିଶ ଖାନ୍, ଅନୁଶାସନ ସଚିବ ବିନୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ଲକ୍ଷ୍ମୀପୁର-କଟକ ବସ ଦୁର୍ଘଟଣା ଡ୍ରାଇଭର ସମେତ ୨ଜଣ ମୃତ

ରାୟଗଡା,୧୮।୧୧ (ନି.ପ୍ର): କୋରାପୁଟ ଜିଲା ଲକ୍ଷ୍ମୀପୁରରୁ ବାହାରି କଟକ ଅଭିମୁଖେ ଯାଉଥିବା ଏକ ପର୍ଯ୍ୟୁନ ନାମକ ଏକ ଘରୋଇ ବସ ଦୁର୍ଘଟଣାର ସମ୍ମୁଖୀନ ହୋଇଛି । ବସଟି ରାସ୍ତାପାଶ୍ୱକୁ ଓଲଟି ପଡିଥିବା ବେଳେ ଦୁର୍ଘଟଣାରେ ଡ୍ରାଇଭର ବୃନ୍ଦାବନ ସାହୁ ବୟସ ୫୦ ଏବଂ କଣ୍ଡୋଟର ସନ୍ତୋଷ କୁମାର ବିଶ୍ୱାଳ ବୟସ ୪୫ଙ୍କ ମୃତ୍ୟୁ ଘଟିଛି । ରାତିର ଅନ୍ଧକାର ଭିତରେ ବସତଳେ ଚାପିହୋଇ ରହିଥିବା ସମସ୍ତ ଆହତ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଛି । ଗତ ସନ୍ଧ୍ୟାରେ ଲକ୍ଷ୍ମୀପୁରରୁ କଟକ ଅଭିମୂଖେ ବସଟି ଛାଡିଥିଲା । ରାୟଗଡା ବସଷ୍ଟାଣ୍ଡରୁ ପ୍ରାୟ ୩୨ଜଣ ଯାତ୍ରୀଙ୍କୁ ନେଇ ବିଷମକଟକ ରାସ୍ତାଦେଇ ବସଟି କଟକ ଆଡକୁ ମୁହାଇଥିଲା । ତେବେ ରାୟଗଡା ଜିଲାର ବିଷମକଟକ ପୂର୍ବରୁ ପ୍ରାୟ ୭କିଲୋମିଟର ରାସ୍ତାର ଅବସ୍ଥା ଅତ୍ୟନ୍ତ ଦୟନୀୟ ହୋଇପଡିଥିବା ବେଳେ ବସଟି କୁମାରଧାମୁଣି ଦେଇ ବିଷମକଟକ ଯାଉଥିଲା । ତେବେ ବିଷମକଟକ ଏବଂ କୁମାରଧାମୁଣିର ମଧ୍ୟଭାଗ ହାଜାରଡାଙ୍ଗ ନିକଟରେ ଏକ ବୁଲାଣିରେ ବସଟି ରସ୍ତାପାଶ୍ୱରେ ଓଲଟିପଡିଥିଲା । ବସଟି ଅତିଦ୍ରୁତ ଗତିରେ ଥିବାବେଳ ଭାରସାମ୍ୟ ହରାଇ ରାସ୍ତାପାଶ୍ୱରେ ପ୍ରାୟ ଥରଥର କରି ୩ଥର ଓଲଟି ସ୍ଥିର ହୋଇଯାଇଥିଲା । ସେତେବେଳକୁ ବସଟିର ଅବସ୍ଥା ଖଣ୍ଡଖଣ୍ଡ ହୋଇଯାଇଥିବା ବେଳ ସମସ୍ତ ଯାତ୍ରୀ ମାନେ ବସରେ ଫସିହୋଇ ରହିଥିଲେ । ସ୍ଥାନୀୟ ଲୋକେ ସୁଚନା ପାଇଁ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିବା ବେଳେ ପରେ ବିଷମକଟକ ଦମକଳ ବାହିନୀ ଏବଂ ପୁଲିସ ପହଞ୍ଚି ବସତଳେ ଚାପିହୋ

ଶୀତରେ ପାଦର ଯତ୍ନ

ଶୀତ ଦୀନେ ସମସ୍ତଙ୍କର ନଜର କେବଳ ମୁହଁ ଏବଂ ହାତ ଉପରେ ରହେ, କିନ୍ତୁ ପାଦ ଉପରକୁ ବେଶୀ କେହି ଧ୍ୟାନ ଦେଇ ନଥାନ୍ତି । କିନ୍ତୁ ଶୀତରେ ପାଦର ଯତ୍ନ ନେବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଦିନରେ ୩/୪ଥର ପାଦରେ ମଏଶ୍ଚରାଇଜର୍ ବ୍ୟବହାର କରିବା ଆବଶ୍ୟକ । ଏହାଦ୍ୱାରା ତ୍ୱଚା ଖୁବ୍ ଉଜ୍ଜଳ ଲାଗିବ ।

- ସ୍ଲିପର ପିନ୍ଧିବାକୁ ଭଲ ଲାଗିପାରେ କିନ୍ତୁ ଶୀତଦିନେ ସ୍ଲିପରକୁ ନ ପିନ୍ଧି ଯୋତା ପିନ୍ଧନ୍ତୁ । ତେବେ ନିଶ୍ଚିତ ହୁଅନ୍ତୁ ଯେ, ଆପଣଙ୍କ ପାଦ ଭଲ ଭାବେ ସୁରକ୍ଷିତ ଅଛି । ଶୀତପାଇଁ ଏହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଫୁଟ କେୟାର ।
- ଶୀତରେ ଯଦି ପାଦକୁ ଭଲରେ ରଖିବାକୁ ଚାହୁଁଛନ୍ତି ତେବେ ପ୍ରଚୁର ପରିମାଣରେ ପାଣି ପିଅନ୍ତୁ । ପ୍ରଚୁର ପରିମାଣରେ ପାଣି ପିଇବା ଦ୍ୱାରା ଏହା ତ୍ୱଚାକୁ ଖୁବ୍ ଭଲ ରଖେ ।
- ଶୀତଦିନେ ମୋଜା ପିନ୍ଧିବାକୁ ଆଦୌ ଭୁଲନ୍ତୁ ନାହିଁ । ଏହାଦ୍ୱାରା ଏହି ଥଣ୍ଡାପାଗରୁ ଆପଣଙ୍କ ତ୍ୱଚାକୁ ସୁରକ୍ଷା ମିଳିବ । ତେଣୁ ଏହି ଋତୁରେ ମୋଜା ପିନ୍ଧିବାର ଅଭ୍ୟାସ କରନ୍ତୁ । ମାର୍କେଟରେ ବିଭିନ୍ନ ପ୍ରକାରର ଟ୍ରେଣ୍ଡି ସକ୍ସ ମିଳୁଛି ଏବଂ ଆପଣ ତାକୁ ଷ୍ଟାଇଲରେ ପିନ୍ଧିବାକୁ ଭଲ ପାଇବେ । ରାତିରେ ଶୋଇବା ପୂର୍ବରୁ ପାଦକୁ ଭଲ ଭାବରେ ଗରମ ପାଣିରେ ଧୋଇ ମଏଶ୍ଚରାଇଜର୍ କିମ୍ବା ତେଲ ଦ୍ୱାରା ମସାଜ୍ କରନ୍ତୁ ।

କଞ୍ଚାଲଙ୍କା ତାଜା ରଖିବାର ଉପାୟ

ପ୍ରତିଟି ଭାରତୀୟ ରୋଷେଇ ଘରେ କଞ୍ଚା ଲଙ୍କା ବ୍ୟବହାର ହୋଇଥାଏ । ଏହା ବ୍ୟଞ୍ଜନର ଚଟପଟା ସ୍ୱାଦ ବଢ଼ାଇଥାଏ । ତରକାରୀ ବ୍ୟତୀତ ଚଟଣୀ, ଭରତା କିମ୍ବା ପକୁଡ଼ି ତିଆରିରେ ବି ଏହାର ଉପଯୋଗ ହୋଇଥା, । କିନ୍ତୁ କଞ୍ଚା ଲଙ୍କାକୁ ବେଶୀ ଦିନ ତାଜା ରଖିବା କଷ୍ଟକର । ଯଦି କଞ୍ଚା ଲଙ୍କାକୁ ଅଧିକ ଦିନ ତାଜା ରଖିବାକୁ ଚାହୁଁଛନ୍ତି ତେବେ ଆପଣାନ୍ତୁ ଏ ସ୍ମାର୍ଟ ଟିପ୍ସ...

★ କୌଣସି ସ୍ଥାନକୁ ଛୁଟି କାଟିବାକୁ ବେଶୀଦିନ ପାଇଁ ଯାଉଥିଲେ କଞ୍ଚା ଲଙ୍କା ଘରେ ପଡ଼ି ପଡ଼ି ଖରାପ ହୋଇଯାଏ । ଏ ସମସ୍ୟାରୁ ମୁକ୍ତି ପାଇଁ କିଚେନ୍ ଟାଓ୍ୱେଲରେ କଞ୍ଚା ଲଙ୍କାକୁ ରଖି ତାକୁ ଭଲଭାବେ ବାନ୍ଧିଦିଅନ୍ତୁ । ଦେଖିବେ ତାହା ୨୦-୨୫ ଦିନ ଯାଏ ତାଜା ରହିବ ।

★ କଞ୍ଚା ଲଙ୍କା ଫିକା ପଡ଼ିବାକୁଚ ଦେବାକୁ ଚାହୁଁନାହାନ୍ତି କିମ୍ବା ତାକୁ ଅଧିକ ଦିନ ତାଜା ରଖିବାକୁ ଚାହୁଁଛନ୍ତି, ତେବେ ଆଲମିନିୟମ ଫଏଲର ବ୍ୟବହାର କରିପାରିବେ । ଲଙ୍କାର ଡେମ୍ଫ ଛିଡ଼ାଇ ତାକୁ ଆଲୁମିନିୟମ ଫଲଲରେ ଗୋଡ଼ାଇ ଫ୍ରିଜରେ ରଖିଦିଅନ୍ତୁ । ସପ୍ତାହେ ପର୍ଯ୍ୟନ୍ତ ତାଜା ରହିବ ।

★ କଞ୍ଚା ଲଙ୍କା ଡେମ୍ଫ ଛିଡ଼ାଇ ତା' ଉପରେ କିଛି ତେଲ ଲଗାନ୍ତୁ । ପରେ ଏୟାର ଟାଇଟ୍ ଡବାରେ ବନ୍ଦ କରି ଫ୍ରିଜରେ ରଖନ୍ତୁ । ଏହି ଟିପ୍ସ କଞ୍ଚା ଲଙ୍କାକୁ ୨୦-୨୫ ଦିନ ପର୍ଯ୍ୟନ୍ତ ତାଜା ରଖିବାରେ ସାହାଯ୍ୟ କରିବ ।

★ କଞ୍ଚା ଲଙ୍କାକୁ ଅଧିକ ଦିନ ତାଜା ରଖିବାକୁ ଜିପ୍ ଲକ୍ ବ୍ୟାଗର ବ୍ୟବହାର କରନ୍ତୁ । ଏଥିପାଇଁ ପ୍ରଥମେ ଲଙ୍କାଗୁଡ଼ିକୁ ଭଲଭାବେ ଧୋଇ ଶୁଖାଇ ଦିଅନ୍ତୁ । ପାଣି ଶୁଖିଗଲେ ତାର ଡେମ୍ଫ ଛିଡ଼ାଇ ବ୍ୟାଗରେ ଭର୍ତ୍ତି କରି ଫ୍ରିଜରେ ରଖିଦିଅନ୍ତୁ । ଦେଖିବେ ସପ୍ତାହେ ପର୍ଯ୍ୟନ୍ତ ଏହା ତାଜା ରହିବ ।

ଚାଲୁଥିବା ମାଛ

ଆମ ପୃଥିବୀରେ ଏପରି ଅନେକ ଜୀବଜନ୍ତୁ, ପଶୁପକ୍ଷୀ ଅଛନ୍ତି ଯାହା ସମ୍ପର୍କରେ ଆମେ ବିଶେଷ କିଛି ଜାଣିପାରୁନାହୁଁ । ଏଭଳି ଏକ ଖବର ଏବେ ଅଷ୍ଟ୍ରେଲିଆରୁ ଜଣାପଡ଼ିଛି । ଏଠାରେ ଏକ ପ୍ରଜାତିର ମାଛ ପାଣିରେ ପହଁରିବା ପରିବର୍ତ୍ତେ ମାଟିରେ ଚାଲିଥାଏ ବୈଜ୍ଞାନିକମାନେ ଏହି ପ୍ରଜାତିର ମାଛ ଉପରେ ଗବେଷଣା ଆରମ୍ଭ କରିଦେଇଛନ୍ତି । ସୋସିଆଲ ମିଡିଆରେ ପାଦରେ ଚାଲୁଥାଏ ଏହି ମାଛର ଫଟୋ ଭାଇରାଲ ହୋଇଛି । ଗତକିଛି ବର୍ଷ ତଳେ ଏକ ଗବେଷକ ଦଳ ଅଷ୍ଟ୍ରେଲିଆର ଦକ୍ଷିଣତଟ ସ୍ଥିତ ତସ୍ମାନିୟା ଦ୍ୱୀପରେ ଏହି ମାଛକୁ ଦେଖିବାକୁ ପାଇଥିଲେ । ବିଶେଷଜ୍ଞଙ୍କ ମତ ଅନୁସାରେ ଏହି ଦ୍ୱୀପରେ ହିଁ କେବଳ ଅଳ୍ପ ସଂଖ୍ୟକ ଚାଲୁଥିବା ମାଛ ଅଛନ୍ତି । ସେମାନେ ସମୁଦ୍ରତଟରେ ଚାଲିଥାନ୍ତି, କୀଟପତଙ୍ଗକୁ ଆହାର କରିଥାନ୍ତି । ବର୍ତ୍ତମାନ ଏହି ମାଛ ସଂଖ୍ୟା ୨୦ରୁ ୪୦ ଥିବାରୁ କିପରି ଏମାନଙ୍କ ସଂଖ୍ୟା ବୃଦ୍ଧି କରାଯିବ ସେଥିପାଇଁ ଉଦ୍ୟମ କରାଯାଉଛି ।

ପରିବେଶ ହିସାବରେ ତାପମାତ୍ରା ବଦଳାଇବ ଏହି କପଡ଼ା

ଏହି କପଡ଼ାର ପୋଷାକ ପିନ୍ଧିଲେ ଶୀତ ଦିନେ ଆପଣ ଗରମ ଅନୁଭବ କରିବେ, ଆଉ ଗରମ ଦିନ ଥଣ୍ଡା ଅନୁଭବ କରିବେ । ବୈଜ୍ଞାନିକମାନେ ଏହି ଭଳି ଏକ କପଡ଼ା ପ୍ରସ୍ତୁତ କରିଛନ୍ତି, ଯାହା ବାତାବରଣ ହିସାବରେ ତାପମାତ୍ରା ବଦଳାଇବାରେ ସମର୍ଥ ଅଟେ । ସେମାନଙ୍କ ଯୁକ୍ତି ହେଉଛି ପରିବେଶ ଗରମ କିମ୍ବା ଥଣ୍ଡା ହେଲେ ଏହି କପଡ଼ାରୁ ଉଷ୍ଣତା କିମ୍ବା ଥଣ୍ଡା ପବନ ବାହାରିଥାଏ । ଅର୍ଥାତ୍ ପରିବେଶ ହିସାବରେ ଏହା ପୋଷାକ ପିନ୍ଧିଥିବା ବ୍ୟକ୍ତିଙ୍କୁ ସହଯୋଗ କରିଥାଏ । ମେରିଲାଣ୍ଡ ବିଶବିଦ୍ୟାଳୟର ଗବେଷକମାନେ ସିନ୍ଥେଟିକି ତନ୍ତୁରେ କାର୍ବନ ନୋନୋଟ୍ୟୁବର କୋଟିଂ କରାଇ ଏପରି ଏକ କପଡ଼ା ପ୍ରସ୍ତୁତ କରିଛନ୍ତି । ଯାହା ପରିବେଶ ହିସାବରେ ଶରୀରକୁ ଥଣ୍ଡା ଏବଂ ଗରମ ପ୍ରଦାନ କରିବ । ଏହି କପଡ଼ାକୁ ଯେକୌଣସି ଋତୁରେ ମଧ୍ୟ ପିନ୍ଧା ଯାଇପାରିବ ।

ବଳକା ତେଲ ବ୍ୟବହାର କରୁଥିଲେ...



ପୁରୀ, ପକୁଡ଼ି, ପାମ୍ପଡ଼ ଛାଣିବା ପରେ କିଛି ତେଲ ବଳିପଡ଼େ । ଏଭଳି ବଳକା ତେଲକୁ ଅଧିକାଂଶ ମହିଳା ନଷ୍ଟ ନକରି ଅନ୍ୟାନ୍ୟ ଭୋଜନରେ ବ୍ୟବହାର କରିଦିଅନ୍ତି । କିନ୍ତୁ ଜାଣିପାରନ୍ତି ନାହିଁ , ତେଲ ନଷ୍ଟ ବଦଳରେ ସେମାନେ କେତେଗୁଡ଼ିଏ ପ୍ରାଣଘାତକ ରୋଗ କିଣୁଛନ୍ତି । ନିକଟରେ ହୋଇଥିବା ସର୍ଭେ ଅନୁସାରେ, ବଳକା ତେଲର ବ୍ୟବହାର ଦ୍ୱାରା କ୍ୟାନସର ଭଳି ମାରାତ୍ମକ ରୋଗ ହେବାର ସମ୍ଭାବନା ବଢ଼ିଥାଏ ।

ବଳକା ତେଲ ହାନିକାରକ କାହିଁକି ?

ଗବେଷଣାରୁ ଜଣାପଡ଼ିଛି, ବଳକା ତେଲରେ ଫ୍ରି ରାଡିକାଲ୍ସ ତୁରନ୍ତ ତିଆରି ହୋଇଥାନ୍ତି । ଏହାକୁ ପୁନଃ ବ୍ୟଞ୍ଜନରେ ବ୍ୟବହାର କରିବା ଦ୍ୱାରା ଶରୀରରେ ଗମ୍ଭୀର ରୋଗ ସୃଷ୍ଟି ହୋଇଥାଏ । କାରଣ ବାରମ୍ବାର ତେଲ ଗରମ କରିବା ଦ୍ୱାରା ତାର ବାସ୍ନା ଏବଂ ଆଣ୍ଠି ଅକ୍ସିଡାଣ୍ଟ ମାତ୍ରା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଏ । ଏହାଦ୍ୱାରା କ୍ୟାନସର ଉତ୍ପନ୍ନ କାରୀ ତତ୍ତ୍ୱ ଏହି ତେଲରେ ଜନ୍ମ ନେଇଥାନ୍ତି ।

ଯାଞ୍ଚ କରନ୍ତୁ:

ଡିପ୍ ଫ୍ରାଏ କରାଯାଇଥିବା ତେଲକୁ ପୁନଃ ବ୍ୟବହାର କରାଯାଇପାରିବ । କିନ୍ତୁ ଏହା ଜାଣିବା ଦରକାର ଯେ, କେଉଁ ତେଲର ଉପଯୋଗ ହୋଇଛି ଏବଂ କେତେଥର ବ୍ୟବହାର ହୋଇଛି । ଯଦି ତେଲକୁ ଦ୍ୱିତୀୟ ଥର ବ୍ୟବହାର କରିବାକୁ ଚାହୁଁଛନ୍ତି, ତେବେ ତା'ର ରଙ୍ଗ ବା ଗାଢ଼ାପଣକୁ ଯାଞ୍ଚ କରିନିଅନ୍ତୁ । ଯଦି ତେଲର ରଙ୍ଗ ଗାଢ଼ ଥାଏ ଏବଂ ଗନ୍ଧ ହେଉଥାଏ, ତେବେ ତାକୁ ଫିଙ୍ଗିଦେବା ଆପରଙ୍କ ପାଇଁ ଭଲ ରହିବ ।

// ରୋଗ //

ଯେତେବେଳେ ବଳକା ତେଲର ବ୍ୟବହାର ପୁନଃ କରାଯାଏ, ସେତେବେଳେ ଏଥିରେ ମହତ୍ତ୍ୱ ଗୁରୁତ୍ୱପୂର୍ଣ୍ଣ ତଥା ସ୍ୱାସ୍ଥ୍ୟପଯୋଗୀ ତତ୍ତ୍ୱ ନଷ୍ଟ ହୋଇଯାଏ । ଯାହାକୁ ସେବନ କରିବା ସ୍ୱାସ୍ଥ୍ୟ ପାଇଁ ହାନିକାରକ ସାବ୍ୟସ୍ତ ହେଇଥାଏ । ଏହାଦ୍ୱାରା ଏସିଡିଟି, ହୃଦରୋଗ, କ୍ୟାନସର, ଷ୍ଟ୍ରୋକ୍, ପାର୍କିସନ୍ସ ଏବଂ ଆଲଝେମିୟର ଭଳି ଘାତକ ରୋଗ ହେବାର ସମ୍ଭାବନା ବଢ଼ିଯାଏ । ଏହା ସହ ବଳକା ତେଲର ପୁନଃ ଉପଯୋଗରେ ନିର୍ମିତ ଖାଦ୍ୟ ସେବନ କଲେ କୋଲେଷ୍ଟୋରଲ ମାତ୍ରା ବଢ଼ିଯାଏ ।

ଡ୍ରେସକୁ ଚାହିଁ ବ୍ୟାଗ୍

ସାଧାରଣତଃ ଆମେ ବିଭିନ୍ନ ସ୍ଥାନକୁ ଭିନ୍ନ ଭିନ୍ନ ଡ୍ରେସ୍ ପିନ୍ଧିବା ସହ ଡ୍ରେସ୍ ଅନୁଯାୟୀ ଷ୍ଟାଇଲିସ୍ ବ୍ୟାଗ୍ କ୍ୟାରି କରିଥାଉ । ଯୁଗ ବଦଳିବା ସହ ଲୋକମାନେ ନିଜ ଲାଇଫଷ୍ଟାଇଲରେ ମଧ୍ୟ ପରିବର୍ତ୍ତନ ଆଣିଲେଣି । ବର୍ତ୍ତମାନ ଟ୍ରେଣ୍ଡରେ ରହିଛି ହ୍ୟାଣ୍ଡବ୍ୟାଗ୍ । ଏବେ ମହିଳାଙ୍କ ମଧ୍ୟରେ ପୋଷାକ ପରି ହ୍ୟାଣ୍ଡବ୍ୟାଗର କ୍ରେଜ ଦେଖିବାକୁ ମିଳୁଛି । ଭିନ୍ନଭିନ୍ନ ପୋଷାକ ସହ ବିଭିନ୍ନ ବ୍ୟାଗ କ୍ୟାରି କରି ନିଜକୁ ଷ୍ଟାଇଲିସ୍ ଲୁକ୍ ଦେଉଛନ୍ତି ମହିଳାମାନେ । ଆସନ୍ତୁ ଜାଣିବା କେଉଁ ଡ୍ରେସ୍ ସହ କେଉଁ ବ୍ୟାଗ୍ କ୍ୟାରି କରାଯାଇପାରିବ ।

ଗୋଲ୍ଡେନ୍ ଏବଂ ସିଲଭର ପୋଟଲୀ:

ଟ୍ରାଡିଶନାଲ ଲୁକ୍ ଯେପରି ଶାଢ଼ି କିମ୍ବା ଇଣ୍ଡୋଓ୍ୱେଷ୍ଟର୍ଣ୍ଣ ଆଉଟ୍‌ଫିଟ୍ ସହ ଆପଣ ଗୋଲ୍ଡେନ୍ ଏବଂ ସିଲଭର ପୋଟଲୀ ବ୍ୟବହାର କରିପାରିବେ । ସାଧାରଣତଃ ମହିଳାମାନେ ଏହି ବ୍ୟାଗକୁ ଶାଢ଼ି ଏବଂ ଲେହେଙ୍ଗା ସହ କ୍ୟାରି କରୁଥିବା ଦେଖିବାକୁ ମିଳେ । ସିଲ୍କ ଶାଢ଼ି କିମ୍ବା ବନାରସୀ ଶାଢ଼ି ସହ ଗୋଲ୍ଡେନ୍ ପୋଟଲୀ ବ୍ୟାଗ କ୍ୟାରି କଲେ ଏହା ଆପଣଙ୍କୁ ରୟାଲ ଲୁକ୍ ଦେବ । ଗୋଲ୍ଡେନ୍ ଏବଂ ସିଲଭର ପୋଟଲୀର ବିଭିନ୍ନ ଡିଜାଇନ୍ ମାର୍କେଟରେ ଉପଲବ୍ଧ ।

ମନିପର୍ସ:

ମନି ପର୍ସ ସାଧାରଣତଃ ଓ୍ୱେଷ୍ଟର୍ଣ୍ଣ ଆଉଟଫିଟ୍ ସହ କ୍ୟାରି କରାଯାଏ । ଏହି ବ୍ୟାଗକୁ କ୍ୟାରି କରିବା ସହଜ । ମହିଳାମାନେ ସାଧାରଣତଃ କଲେଜ ପାର୍ଟି, ଅଫିସ୍ ପାର୍ଟି ଏବଂ ଇଭେଣ୍ଟ ଶୋକୁ ୱାନ୍‌ପିସ୍ ସହ ମିନି ବ୍ୟାଗ୍ କ୍ୟାରି କରୁଥିବା ଦେଖାଯାଉଛି । ମିନିବ୍ୟାଗ୍ କ୍ୟାରି କରୁଥିବା ଦେଖାଯାଉଛି । ମିନି ବ୍ୟାଗ୍ କ୍ୟାରି କରୁଥିବା ଦେଖାଯାଉଛି । ମିନିବ୍ୟାଗ୍ କ୍ୟାରି କରିବା ଦ୍ୱାରା ଏହା ଖୁବ୍ ଷ୍ଟାଇଲିସ୍ ଏବଂ ଡିସେଣ୍ଟ ଲୁକ୍ ଦେଇଥାଏ । ଏହାଛଡ଼ା ଆପଣ ଚାହିଁଲେ ଏହି ବ୍ୟାଗକୁ ଉଭୟ ଓ୍ୱେଷ୍ଟର୍ଣ୍ଣ ଏବଂ ଇଣ୍ଡୋ ଓ୍ୱେଷ୍ଟର୍ଣ୍ଣ ଡ୍ରେସ୍ ସହ କ୍ୟାରି କରିପାରିବେ । ବଲିଉଡର ବିଭିନ୍ନ ଅଭିନେତ୍ରୀ ମିନିବ୍ୟାଗ୍ କ୍ୟାରି କରୁଥିବାର ଦେଖିବାକୁ ମିଳିଥାଏ ।

କ୍ଲଚ ବ୍ୟାଗ୍:

ମହିଳାମାନେ ସବୁବେଳେ ଷ୍ଟାଇଲିସ୍ ରହିବାକୁ ପସନ୍ଦ କରିଥାନ୍ତି । ସେଥିପାଇଁ ସେମାନେ ସବୁବେଳେ ଟ୍ରେଣ୍ଡକୁ ଫଲୋ କରିଥାନ୍ତି । ଯେହେତୁ ବର୍ତ୍ତମାନ ବିବାହ ଋତୁ ଚାଲିଛି ସେଥିପାଇଁ ମହିଳାମାନେ ନିଜ ଷ୍ଟାଇଲିସ୍ ଲୁକ୍ ପାଇଁ ପ୍ରସ୍ତୁତି ଆରମ୍ଭ କରିସାରିଲେଣି । ତେବେ ପ୍ରତ୍ୟେକ ମହିଳାଙ୍କ ପାଖରେ କ୍ଲଚ୍ ବ୍ୟାଗ୍ ରହିବା ଆବଶ୍ୟକ, କାରଣ ଏହି ବ୍ୟାଗ୍ ପ୍ରତି ଓ୍ୱେଡିଙ୍ଗ ଆଉଟଫିଟ୍ ସହ ମ୍ୟାଚ୍ କରିଥାଏ ଯେପରି ଲେହେଙ୍ଗା, ଶାଢ଼ି, ଗାଉନ୍ ଆଦି । ଏହାଛଡ଼ା କଲଚ୍ ବ୍ୟାଗ୍ ଓ୍ୱେଷ୍ଟର୍ଣ୍ଣ ଡ୍ରେସ୍ ସହ ମଧ୍ୟ ଆପଣ କ୍ୟାରି କରିପାରିବେ ।

ଫୁଟ ଜିଲାପି

ଆବଶ୍ୟକ ସାମଗ୍ରୀ:

୨୫୦ଗ୍ରାମ୍ ମଇଦା, ୫୦ଗ୍ରାମ୍ ବେସନ, ୨ଚାମଚ ଦହି, ଛାଣିବା ପାଇଁ ଘିଅ, ୩ କପ୍ ଚିନି, ଏକ ଚାମଚ ଲେମ୍ବୁରସ, ୨୦୦ଗ୍ରାମ୍ ପାଣି ବାହାରି ଯାଇଥିବା ଦହି, ଏକ ଚାମଚ ସରୁ ସରୁ କଟାଯାଇଥିବା ଅଦା, ଏକ ଚାମଚ ଅରେଞ୍ଜ୍ ମାମଲେଡ୍, ୨ ଚାମଚ କମଳା ରସ ଓ ଅଧା କପ୍ ତାଜା କଟାଯାଇଥିବା ଫଳ ।

ପ୍ରସ୍ତୁତି ପ୍ରଣାଳୀ:

ପ୍ରଥମେ ମଇଦାରେ ବେସନ, ଦହି ଓ ପାଣି ମିଶାଇ ଗାଢ଼ା ପେଷ୍ଟ କରି ୫/୬ ଘଣ୍ଟା ରଖି ଦିଅନ୍ତୁ । ଏହି ମିଶ୍ରଣକୁ ପାଇପିଂ ବ୍ୟାଗରେ ରଖନ୍ତୁ । ସିରପ୍ ତିଆରି କରିବା ପାଇଁ ପ୍ୟାନରେ ପାଣି ପକାନ୍ତୁ । ଏଥିରେ ଚିନି ଓ କେସର ପକାଇ ସିରପ୍ ପ୍ରସ୍ତୁତ କରନ୍ତୁ । ଏକ ଅଲଗା ଫ୍ରାଇଂ ପ୍ୟାନରେ ଘିଅ ଗରମ କରନ୍ତୁ । ପାଇପିଂ ବ୍ୟାଗରେ ଭରାଯାଇଥିବା ମିଶ୍ରଣକୁ ତେଲରେ ଛାଣି ଦିଅନ୍ତୁ । ଏହା ପରେ ଜିଲାପିକୁ ଚିନି ସିରପ୍‌ରେ ପକାଇ ପରେ ବାହାର କରି ଦିଅନ୍ତୁ । ଫ୍ଲେଭର୍ଡ ଦହି ତିଆରି କରିବା ପାଇଁ ତାଓ୍ୱାରେ କମଳା ରସରେ ଅଦାକୁ ମିଶାଇ କିଛି ସମୟ ଫ୍ରାଏ କରନ୍ତୁ । ଏଥିରେ ଅରେଞ୍ଜ ମାମଲେଡ୍ ପକାଇ ମିନିଟିଏ ପୁଣିଥରେ ଫ୍ରାଏ କରନ୍ତୁ । ଆଞ୍ଚରୁ ବାହାର କରି ପାଣି ବାହାର କରାଯାଇଥିବା ଦହି ତାଜା କଟାଯାଇଥିବା ଫଳରେ ମିଶାନ୍ତୁ । ଏହା ପରେ ଗରମା ଗରମ ଜିଲାପି ସର୍ଭ କରନ୍ତୁ ।

ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୧୯ ନଭେମ୍ବର ୨୦୨୦, ଗୁରୁବାର

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

ମାନସିକତାର ପରିବର୍ତ୍ତନ...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିକଟରେ ଦେଶର ସଶସ୍ତ୍ର ଯବାନମାନଙ୍କୁ ସମ୍ବୋଧିତ କରିବା ଅବସରରେ ପ୍ରତିବେଶୀ ରାଷ୍ଟ୍ର ଚୀନର ବିସ୍ତାରବାଦୀ ମାନସିକତାକୁ ତୀବ୍ର ସମାଲୋଚନା କରିଛନ୍ତି । ପ୍ରତିବର୍ଷ ଭଳି ପ୍ରଧାନମନ୍ତ୍ରୀ ଦୀବାବଳି ଉତ୍ସବ ସେନା ଯବାନମାନଙ୍କ ସହିତ କୌଣସି ନା କୌଣସି ଛାମୁଆ ଘାଟିଠାରେ ମନାଇଥାନ୍ତି । ଚଳିତ ବର୍ଷ ଜୈସଲମେରର ଲଙ୍ଗୱାଲ ପୋଷ୍ଟ ଠାରେ ଯବାନମାନଙ୍କୁ ଭେଟିବା ଅବସରରେ ସେମାନଙ୍କ ଉଦ୍‌ବୋଧନ ଦେଇ ରାଷ୍ଟ୍ରର ସାର୍ବଭୌମତ୍ୱର ସୁରକ୍ଷା ନିମନ୍ତେ ଭାରତୀୟ ସେନାଙ୍କୁ ପ୍ରଶଂସା କରିଥିଲେ । ବାସ୍ତବିକ୍ ଭାରତୀୟ ସେନା ଦେଶର ନିୟନ୍ତ୍ରଣ ରେଖାରେ ବର୍ଷସାରା ଯେଉଁଭଳି ସତର୍କ ରହି ଦେଶ ଓ ଦେଶବାସୀଙ୍କ ସୁରକ୍ଷା ପାଇଁ ନିଜକୁ ସମର୍ପିତ କରିଛନ୍ତି ତାହା ଅଭିନନ୍ଦନୀୟ । କିନ୍ତୁ ଦେଶର ବୀର ଯବାନମାନେ ଲଦାଖର 'ସର୍ ଜିରୋ' ତାପାମାତ୍ରା ସହିତ ଲଢ଼ି ସେଠାରେ ଯେମିତି ଅହୋରାତ୍ର ଦଣ୍ଡାୟମାନ ରହିଛନ୍ତି, ସେହିଭଳି ଶତ୍ରୁପକ୍ଷଙ୍କ ସୀମାତିକ୍ରମଣକୁ ପ୍ରତିହତ କରିବା ନିମନ୍ତେ ସଦାସର୍ବଦା ଜାଗ୍ରତ ରହିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଏହି ମନ୍ତବ୍ୟ ଚୀନ୍ ପ୍ରତି ଯେ ଉଦ୍ଦିଷ୍ଟ ତାହା ସ୍ପଷ୍ଟ ବୁଝାପଡ଼ିଛି । ପିପୁଲ୍ସ ଲିବେରେସନ୍ ଆର୍ମିର ଯବାନମାନେ ବାସ୍ତବ ନିୟନ୍ତ୍ରଣ ରେଖା ଅତିକ୍ରମ କରିବା ସକାଶେ ବାରମ୍ବାର ଯେଉଁଭଳି ଉଦ୍ୟମ କରୁଛନ୍ତି ଏବଂ ସଦାସର୍ବଦା ଏଲଏସିକୁ ଉତ୍ତେଜନାପବଣ ରଖୁଛନ୍ତି, ତାହା କଦାପି ଗ୍ରହଣୀୟ ନୁହେଁ । ଚୀନ୍‌ର ଏଭଳି ବିସ୍ତାରବାଦୀ ମାନସିକତାକୁ ଅଷ୍ଟାଦଶ ଶତାବ୍ଦୀର ଏକ ଚିନ୍ତାଧାରା ବୋଲି ଅଭିହିତ କରି ଶ୍ରୀ ମୋଦି କହିଛନ୍ତି ଯେ, କେବଳ ଭାରତ ନୁହେଁ ସମଗ୍ର ବିଶ୍ୱ ଚୀନର ଏଭଳି ହୀନ ମାନସିକତାରେ ଚିନ୍ତିତ । ନିକଟ ଅତୀତର ଇତିହାସ ଉପରେ ନଜର ପକାଇଲେ ତାହା ସତକୁ ସତ ଜଳଜଳ ହୋଇ ଦୃଶ୍ୟ ହୁଏ । ଭାରତ ବ୍ୟତୀତ, ସୀମା ଲାଗିଥିବା ଉଣା ଅଧିକେ ସମସ୍ତ ରାଷ୍ଟ୍ର ସହିତ ଚୀନ ଏହିଭଳି କାଣ୍ଡ ସୃଷ୍ଟି କରିଛି । ଏହା ସେ ଦେଶର ରାଷ୍ଟ୍ରନୀତି ଓ ମାନସିକତାର ଅଂଶବିଶେଷ ହୋଇସାରିଛି । ଏବେ ଲଦାଖଠାରୁ ନେଇ ଦକ୍ଷିଣ ଚୀନ ସାଗର, ହଂକଂଠାରୁ ନେଇ ତାଇୱାନ ପର୍ଯ୍ୟନ୍ତ, ନେପାଳଠାରୁ ଭୁଟାନ ଓ ଜାପାନ ଯାଏ, ସବୁଆଡ଼େ ଚୀନର ସୀମା ବିବାଦ ବ୍ୟାପ୍ତ । ଅତୀତରେ ଚୀନ ତିବ୍ଦତ ଭଳି ରାଷ୍ଟ୍ରକୁ ଗିଳି ସାରିଛି । ମଙ୍ଗୋଲିଆ ସହିତ ମଧ୍ୟ ସମାନ ବିବାଦ ରହିଛି । ଜାପାନ ସହିତ ଯୁଦ୍ଧ ହୋଇଛି । ଏବେ ଭାରତ ସହ ସମାନ ମନୋଭାବ ପୋଷଣ କରିଛି । ଏକବିଂଶ ଶତାବ୍ଦୀରେ ବିଶ୍ୱ ରାଜନୀତି, ଅର୍ଥନୀତି, ସମାଜନୀତି ତଥା କୂଟନୀତିରେ ଘଟିଚାଲିଥିବା ଦ୍ରୁତ ପରିବର୍ତ୍ତନର ହାୱା ଚୀନ ନେତୃବର୍ଗଙ୍କ ମାନସିକତାରେ ସେପରି କିଛି ପରିବର୍ତ୍ତନ ଘଟାଇଥିବା ପ୍ରତୀୟମାନ ହୁଏନାହିଁ । ଏହାର କାରଣ ହେଲା ସେ ଦେଶରେ କମ୍ୟୁନିଷ୍ଟ ଶାସନ ନାମରେ ଯେଉଁ ଏକଛତ୍ରବାଦଦ ଚାଲିଛି ତାହା ଲୌହ ପରଦାର ଆଢୁଆଳରେ ରହିଛି । ଏପରିକି ତିଆନାନମେନ ଚୌକରେ ଛାତ୍ର ଆନ୍ଦୋଳନକୁ ଅତୀତରେ ଯେଉଁଭଳି ଭାବେ ସେ ରାଷ୍ଟ୍ର ଦମନ କରିଥିଲା ତାହା କୌଣସି ସଭ୍ୟ ରାଷ୍ଟ୍ରପକ୍ଷେ ଶୋଭନୀୟ ନୁହେଁ । କିନ୍ତୁ ଚୀନ ତାର ହୀନ ନୀତି ଓ ଚିନ୍ତାଧାରାରେ ଅଟଳ । ଏକଥା ସ୍ୱୀକାର୍ଯ୍ୟ ଯେ, ଚୀନ୍ ଏବେ ବିଶ୍ୱର ଏକ ବିରାଟ ଆର୍ଥିକ ଶକ୍ତିରେ ପରିଣତ ହୋଇଛି । ସେହିଭଳି ଭାବେ ଏହାର ସାମରିକ କ୍ଷମତା ବୃଦ୍ଧି ପାଇଛି । କିନ୍ତୁ ନିଜର ହୀନ ସ୍ୱାର୍ଥଜଡ଼ିତ ନୀତି ପାଇଁ ସେ ରାଷ୍ଟ୍ର ଏବେ ସମଗ୍ର ବିଶ୍ୱରେ ନିନ୍ଦିତ । କେବଳ ଭାରତ ନୁହେଁ, ଆମେରିକାଠାରୁ ନେଇ ୟୁରୋପୀୟ ରାଷ୍ଟ୍ର, ଜାପାନ, ଅଷ୍ଟ୍ରେଲିଆ ଏବଂ ଆଫ୍ରିକୀୟ ରାଷ୍ଟ୍ରଙ୍କଠାରୁ ପ୍ରଶାନ୍ତ ମହାସାଗରୀୟ ଦ୍ୱୀପ ରାଷ୍ଟ୍ରପୁଞ୍ଜଙ୍କ ପର୍ଯ୍ୟନ୍ତ ସମସ୍ତେ ଚୀନର ବିସ୍ତାରବାଦରେ ବିବ୍ରତ । ଗତ ପ୍ରାୟ ଛଅ/ସାତ ମାସ ଧରି ଚୀନ ଲଦାଖରେ ଯେଉଁ ସୀମାତିକ୍ରମଣ ପ୍ରୟାସ ଜାରି ରଖିଛି ଏବଂ ଏଲଏସିରେ ଉତ୍ତେଜନା ବୃଦ୍ଧି କରିଚାଲିଛି ତାହା କୌଣସି ସଭ୍ୟ ରାଷ୍ଟ୍ରପକ୍ଷେ ଗ୍ରହଣୀୟ ନୁହେଁ । ତେବେ ଭାରତୀୟ ସେନା ପିଏଲଏର ସମସ୍ତ ହୀନ ଚକ୍ରାନ୍ତ ଓ ପ୍ରୟାସକୁ ପଣ୍ଡ କରିଛନ୍ତି । ଏପରିକି, ଏକଦା ଉଭୟ ଦେଶ ମଧ୍ୟରେ ଏକ ସୀମା ଯୁଦ୍ଧ ଲାଗିବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା । ସେ ଉତ୍ତେଜନା ଥମିଥିଲେ ସୁଦ୍ଧା ସଂପୂର୍ଣ୍ଣ ଦୂର ହୋଇନାହିଁ । ଚୀନ ସେନାଙ୍କ ଏଭଳି ପ୍ରୟାସର ଦୃଢ଼ ଜବାବ ଦେଉଥିବା ଭାରତୀୟ ସେନା ବାସ୍ତବିକ୍ ପ୍ରଶଂସାର ପାତ୍ର । କିନ୍ତୁ ଶତ୍ରୁର ସମସ୍ତ ଚାଲ୍ ପ୍ରତି ସଦାବେଳେ ସତର୍କ ରହିବା ବିଜ୍ଞତାର ପରିଚୟ । ବାରମ୍ବାର ବିଶ୍ୱାସରେ ବିଷ ଦେଇଥିବା ଚୀନ ପ୍ରତି କେବଳ ସେନା ନୁହଁନ୍ତି, ସରକାର ମଧ୍ୟ ସତର୍କ ରହିବା ଉଚିତ ।

ଥରୁଟିଏ ଆସନ୍ତ କି...

ସୁଷମା ପରିଜା

ଥରୁଟିଏ ଆସନ୍ତକି !
ଦେଖି ଯାଆନ୍ତ କେମିତି କଟୁଛି ଜୀବନ
ଆମ ଗାଁରେ ଆଜି ତୁମ ବିନା ॥
ବସ୍ତରେ କୋଇଲି ବି ଗାଉନି
ଆମ ଗାଁ ଆମ୍ବ ତୋଟା
ବଉଳ ମେଳାରେ,
ଆକାଶରେ ବଉଦମାଳକୁ ଦେଖି ଆମ
ଘରଅଗଣାକୁ ଆସୁଥିବା ମୟୂରୀଟି ମଧ୍ୟ
ପୁଚ୍ଛ ମେଲାଇ ନାଚିବାକୁ ଭୁଲିଗଲାଣି,
ଚାନ୍ଦ ଗାଇର କଅଁଳ ବାଛୁରୀଟା
ଏବେ ଆଉ
ଆନମନା ହେଉନି
ଦୂରରୁ ଭାସିଆସୁଥିବା
ଗାଈଆଳ ଟୋକାରସେଇ
ବଂଶୀ ସୁର ଶୁଣି,
ଖରାଦିନେ ସଞ୍ଜବେଳେ ଧୀରେ ପବନରେ
ସଜେଇ ହେଉନି ଆମ ବାରିପଟ ଫୁଲେଇ
ମଲ୍ଲୀଗଛଟା ଡାଲା ଡାଲା
ଫୁଲ ଗହଣାରେ,
ପୁନିଅଁ ଜହ୍ନକୁ ଦେଖି ହସୁନି ବି ନୀଳକଇଁ
ଆମ ଗାଆଁର ବେଣ୍ଟ ପୋଖରୀରେ,
ଆମ ଅଳସୀନଦୀଟା ବି କଡ଼ ଲେଉଟାଇ
ଶୋଇ ଯାଇଛି କୁଳୁକୁଳୁ
ସଂଗୀତ ନଗାଇ ॥
ସବୁ ଯେମିତି ଶୂନ୍‌ଶାନ୍, ନିର୍ବାକ୍, ନିସ୍ପନ୍ଦ..
ଠିକ୍ଲୋ'ର ଭାଙ୍ଗିଯାଇଥିବା ମନ ଭଳି
କାହିଁକି ନା, ଏବେ ତୁମ
ଆଉ ମୋ ଭିତରେ
ସୃଷ୍ଟି ହୋଇଛି ବିରାଟ ଏକ ଶୂନ୍ୟସ୍ଥାନ ।

+ ଶାରଳା ଭବନ ପୋତାପୋଖରୀ,
ନୂଆବଜାର, କଟକ
ମୋ: ୯୩୩୭୨୭୨୬୪୭

ଏ ରାତିର ସକାଳ କେବେ ?

ରଶ୍ମିତା ବେହେରା

ଏଇ ଦେଖ ତ, ଚାରିଆଡ଼େ ଏବେ ନିରନ୍ଧ୍ର ଅନ୍ଧକାର । ଭାରତ ଆକାଶ ଏବେ ତମସାଚ୍ଛନ୍ନାଥରେ ନଜର ପକାଅ କେମିତି ଏ ଅନ୍ଧାରୀ ଇଲାକା ଭିତରେ କାଳରାତ୍ରୀର କାଳିମାରେ ଅହରହ ଲେଖା ଚାଲିଛି କଳଙ୍କର ମହା ଅଧ୍ୟାୟ । କହିବ ବା କାହାକୁ, ସରକାରୀ ଜଗୁଆଳୀ ଏଠି ବଡ଼ ଚୋର ଓ ଆଇନ ବ୍ୟବସ୍ଥା କିଛି ମୁଷ୍ଟିମେୟ ଓ କ୍ଷମତା ସମ୍ପନ୍ନ ଲୋକଙ୍କ ଦ୍ୱାରା ନିର୍ମିତ କୋମଳ ତୂଳୀତନ୍ତ୍ର ଶେଯରେ ନିଦ୍ରାଗତ । ବାସ୍ତବରେ ଝରକା ଫାଙ୍କାରେ ଲୁହ ନିଗାଡୁ ଥିବା ସେ ମାଳମାଳ କରୁଣ ମୁହଁ ଗୁଡିକ କେତେ ଦାରୁଣ ନା ! ଥରେ ଭାବନ୍ତୁ ତ ନିଶାର୍ଦ୍ଧରେ ପରିବାର ସଦସ୍ୟଙ୍କ ଅନୁପସ୍ଥିତିରେ କିଛି ସରକାରୀ ଚାମଚାଙ୍କ ଦ୍ୱାରା ଜଳୁଥିବା ଚିତାର ପ୍ରାସଙ୍ଗିକତା ସମ୍ପର୍କରେ । ଉତ୍ତରପ୍ରଦେଶରେ ଦିକିଦିକି ହୋଇ ଜଳିଗଲା ମନିଷାର ଚିତା । ପୁଣିଥରେ ଆଉ ଏକ ନିର୍ଭୟା ସାଜି ହାଥରସ୍‌ର ମନିଷା ଏକ ଅଦୃଶ୍ୟ ଅଗ୍ନି ପରୀକ୍ଷା ଦେଲା । ସେଦିନର ବୈଦେହୀ ସିନା ସମାଲୋଚନାର ନିଆଁରେ ଅଗ୍ନି ପରୀକ୍ଷା ଦେଇ ନିଜ ସତୀତ୍ୱର ପରାକାଷ୍ଠ ଦେଖାଇ ଜଗତ ବନ୍ଦିତା ସାଜିଥିଲେ, ମାତ୍ର ଏ ମନୀଷା ? ରାମମନ୍ଦିର ସ୍ଥାପନ ନାଁରେ ରାମରାଜ୍ୟ ପ୍ରତିଷ୍ଠାର ଦାବୀ କରୁଥିବା ଗେରୁଆ ମହୋଦୟ ଏଥିପ୍ରତି କ୍ରିୟାଶୀଳ ହେବେ ବା କାହିଁକି ? କେଉଁଠି ସୀତା ଆଉ କେଉଁଠି ଏ ଦଳିତ ଧର୍ଷିତା ! ଯୌବନର ଆଦ୍ୟ ପାବଚ୍ଛରେ ପାଦ ଥାପିଥିଲା ମନିଷା । ଚହଟି ଉଠୁଥିଲା କୁମାରୀତ୍ୱର ଅଫରନ୍ତ ସୌନ୍ଦର୍ଯ୍ୟ ଏକ ଅନ୍ଧାରୀ ରାତିରେ ହଜିଗଲା ତାର ପ୍ରତିଷ୍ଠା, ଖିନ୍‌ଭିନ୍ ହୋଇଗଲା ନାରୀ ଜାତିର ଶର୍ମିଷ୍ଠା । କ'ଣ ବା ଭୁଲ୍ ଥିଲା ତା'ର ? ନାରୀ ଭାବରେ ଜନ୍ମ ନେବାଟା ଭୁଲ୍ ନା ଦଳିତ ଶ୍ରେଣୀରେ ଜନ୍ମ ନେବା ତା'ର ଅପରାଧ । ଯଦି ଏହାର ଉତ୍ତର ହଁ ହୁଏ ତେବେ ନାରୀ ସଶକ୍ତିକରଣ ନାଁରେ ଏତେ ହୋ ହାଲ୍ଲା କାହିଁକି ? କାହିଁକି ନାରୀର ସ୍ୱରକୁ ଅବଦମିତ କରିବାର ଏ ହୀନ ପ୍ରୟାସ ? 'ବେଟି ବଚାଅ ବେଟି ପଢାଓ'ର ନାରାବାଜି କ'ଣ ପାଇଁ ? କ'ଣ ଏ ବୁଭୁକ୍ଷୁ ମସାଜକୁ ଦାନା ଯୋଗାଇବାକୁ ? ତା ଠାରୁ ତ କନ୍ୟା ଭ୍ରୁଣ ହତ୍ୟା ଶତଗୁଣେ ଶ୍ରେୟସ୍କର । ବଳାତ୍କାର ଅସ୍ତିତ୍ୱ ହରାଇବା ଅପେକ୍ଷା ମାତୃଗର୍ଭରେ ଆଖି ବୁଜିଦେବା ଢେର୍ ଭଲ । ଖିନ୍‌ଭିନ୍ କରି ନୀରିହ ଝିଅଟିର ଦେହକୁ ଝୁଣିଗଲେ ନର ରାକ୍ଷସ । ଏତଲାର ସାତ ଦିନ ପରେ ପୋଲିସ୍ ନାମକୁ ମାତ୍ର କେଶ୍ ଫାଇଲ୍ କରି ପାରିବା ପଣିଆର ପରିଚୟ ଦେଲା । ଦିର୍ଘଦୀନର ସଙ୍ଘର୍ଷ ପରେ ଆଖି ବୁଜିଲା ମନୀଷା । ରାନୈତିକ ଚାପରେ ବଦଳିଗଲା ତଦନ୍ତର ଚେହେରା । ଦଳିତ ଶ୍ରେଣୀର ନାରୀ ପାଇଁ କ୍ଷୀଣ ହୋଇଗଲା ଉତ୍ତର ପ୍ରଦେଶର ସରକାରଙ୍କ ସ୍ୱର । ଗେରୁଆ ନେତାଙ୍କ ଚେହେରାରୁ ଉତ୍କୁଟିଲା କଳା କାରନାମାର ଉତ୍କୁଟ ଗନ୍ଧ । ଶେଷରେ ଫରେନ୍ସିକ୍ ଲ୍ୟାବରୁ ରିପୋର୍ଟ ଆସିଲା ଯେ ପୀଡିତାଙ୍କୁ ଦୁଷ୍କର୍ମ କରାଯାଇନାହିଁ । ପୋଷ୍ଟମର୍ଟମ ରିପୋର୍ଟ ଆଧାରରେ ବେକ ଓ ପଞ୍ଜରାରେ ଗଭୀର ଆଘାତ ଲାଗିଥିବାରୁ ମନିଷାର ମୃତ୍ୟୁ ହୋଇଛି । ଯଦି ଦୁଷ୍କର୍ମ ପ୍ରସଙ୍ଗ ସତ୍ୟାସତ୍ୟ ବିହୀନ ତେବେ କାହିଁକି ଆକାଳରେ ଝଡ଼ିଗଲା ମନିଷା । ଏହାର ଉତ୍ତର କେବଳ ସେହି ଗେରୁଆ ସରକାରଙ୍କୁ ହିଁ ଜଣା । ଏମିତିରେ ଗେରୁଆ ଧାରଣ କରିଦେଲେ କେହି ରାଷ୍ଟ୍ରଭକ୍ତ ହୋଇଯାଆନ୍ତି ନାହିଁ ସେଥିପାଇଁ ରାମ ମନଷ୍କତାର ଆବଶ୍ୟକତା ରହିଛି । ଅବଶ୍ୟ ଏଦିଗରେ ବିଶେଷ ଆଲୋଚନା ସମୟ ସାପେକ୍ଷ । ହାଥରସ୍ ମାମଲାରେ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଅଟକାଇବାର ପ୍ରୟାସ କରାଗଲା । ପୀଡ଼ିତା ପରିବାର ସଦସ୍ୟଙ୍କ ଅନୁପସ୍ଥିତିରେ ସାମ୍ବିଧାନିକ ବ୍ୟବସ୍ଥାର ଲକ୍ଷ୍ମଣ ରେଖା ଡେଇଁ ମାଟିଆ କୁକୁରଙ୍କ ଦ୍ୱାରା ଏ ଦେଶର ନାରୀର ଚିତା ଜଳିଲା । ମଶାଣିଠୁ ମନିଷାର ଘର ପପର୍ଯ୍ୟନ୍ତ ଦୂରତାକୁ ଭାରତ ପାକିସ୍ତାନର ସୀମା ସୁରକ୍ଷା ଭଳି ପୋଲିସ ଛାଉଣୀ କରି ଗଣତନ୍ତ୍ରା ତଣ୍ଟି ଚିପାଗଲା । ସ୍ୱସ୍ତିମ ଇତିହାସକୁ ଉପହାସ କରି ଭାରତ ଇତିହାସରେ କଳଙ୍କର ଆଉ ଏକ ମହା ଅଧ୍ୟାୟ । ଗଣତନ୍ତ୍ରା ଚତୁର୍ଥ ସ୍ତମ୍ଭର ଗଳା ଦବାଇବାର ପ୍ରୟାସ କରାଗଲା । ପରିଶେଷରେ ପୀଡ଼ିତା ପରିବାରର ସ୍ୱର ଦମନ କରିବାକୁ ଯାଇ ଗଣମାଧ୍ୟମ ପ୍ରତିନିଧିଙ୍କୁ ଅଟକାବାର ହୀନ ପ୍ରୟାସ ଆଜି ପୋଲିସ୍ କର୍ମଚାରୀଙ୍କ ଭୂମିକା ଉପରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏ ଦେଶ କାଳେ ଏକ ଗଣତାନ୍ତ୍ରିକ ରାଷ୍ଟ୍ର । ଗଣତାନ୍ତ୍ରିକ ରାଷ୍ଟ୍ରରେ ବିରୋଧୀ ଦଳର କ୍ଷମତା ଓ ଭୂମିକା ସର୍ବଜନସ୍ୱୀକାର୍ଯ୍ୟ । ମାତ୍ର ହାଥରସ୍ ମାମଲାରେ ରାହୁଲ ଗାନ୍ଧୀଙ୍କ ପ୍ରତି ପ୍ରଦର୍ଶନ କରାଯାଇଥିଲା । ମନୋଭାବ ଓ ଆନିତିକ କାର୍ଯ୍ୟପନ୍ଥା ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ପରିପନ୍ଥୀ । ଯେଉଁ ଭଳି ଉତ୍ତର ପ୍ରଦେଶର ପୋଲିସ୍ ଅସ୍ୱାଭିବିକ ଢଙ୍ଗରେ ରାହୁଲଙ୍କ ଅଟକାଇଲା ଓ ଶକ୍ତ ଧକ୍କା ଦେଲା ତାହା ନିଶ୍ଚିତ ଭାବରେ ଏକ ନିନ୍ଦନୀୟ ପ୍ରସଙ୍ଗ କାରଣ ଏ ଧକ୍କା କେବଳ ରାହୁଲଙ୍କୁ ନୁହେଁ ସିଧାସଳଖ ଭାବରେ ଗଣତାନ୍ତ୍ରିକ ବ୍ୟବସ୍ଥା ଓ ସମ୍ବିଧାନକୁ ଶକ୍ତ ଧକ୍କା । ଯେତେବେଳେ କୌଣସି ଗଣତାନ୍ତ୍ରିକ ରାଷ୍ଟ୍ରରେ ଗଣଦୁଷ୍କର୍ମ ହୁଏ ସେତେବେଳେ ଏହାର ପ୍ରାସଙ୍ଗିକ ଓ ବିଚାର ଶୈଳୀକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚାର ଝଡ ଆରମ୍ଭ ହୁଏ । ସାଧାରଣତଃ ଜନତା ଏହାକୁ ସମୟକ୍ରମେ ଭୁଲି ଯାଆନ୍ତି । କିନ୍ତୁ ସମାଜ ବିଜ୍ଞାନୀ, ଆଇନଜୀବୀ ସାମ୍ବାଦିକ ମହଲରେ ଚର୍ଚ୍ଚାର ସ୍ଫୁଲିଙ୍ଗ ବଞ୍ଚିରହେ । ଦୁଷ୍କର୍ମ କାରିଙ୍କୁ ମୃତ୍ୟୁ ଦଣ୍ଡ ଦେବା ବିଧେୟ । ମାତ୍ର ଏ ଦେଶରେ ଏହିପରି ଅନେକ ମାମଲା ଏବେ ବି ବିଚାରାଧୀନ । ପରୋକ୍ଷ ଭାବରେ ଦେଖିବାକୁ ଗଲେ ଆମ ଦେଶର ଆଇନ୍ ବ୍ୟବସ୍ଥା ହିଁ ଅପରାଧ । ମନଷ୍କତାର ମୁଖ୍ୟ କାରଣ । ଏ ଦେଶର ବିପର୍ଯ୍ୟସ୍ତ ଆଇନ୍ ବ୍ୟବସ୍ଥା ଅପରାଧକୁ ସ୍ୱୀକୃତି ଦେବାର ଚିନ୍ତାକକ୍ଷ ଉପରେ ଆଧାରିତ । ମୋଟାମୋଟି ଉପରେ କହିବାକୁ ଗଲେ ବିଚାର ବ୍ୟବସ୍ଥା ସମ୍ପୂର୍ଣ୍ଣ ତ୍ରୁଟି ଶୂନ୍ୟ ନୁହେଁ । ଅନେକ ସମୟରେ ରାଜନୈତିକ ରୁଟି ସେକାରେ ଏ ଦେଶରେ ଇନ୍ଧନ ନଷ୍ଟ ହେବା ସହ ରାଜନେତା ପ୍ରଶୋଦିତ ଚାମଚାମାନେ ଆଇନ୍ ବଳୟ ବାହାରେ ରହି କାରନାମା ବଜାୟ ରଖିଥିବାର ଦୃଶ୍ୟ ସାମ୍ନାକୁ ଆସୁଛି । ଆମ ସାମ୍ବଧାନିକ ବ୍ୟବସ୍ଥାରେ ରାଜକ୍ଷମା କ୍ଷେତ୍ରରେ ବି ରାଜନୀତିର ଗନ୍ଧ ବାରିହୁଏ । ଏମିତିରେ ବି ରାଷ୍ଟ୍ରପତି କେଉଁଥିପାଇଁ କାହାକୁ କ୍ଷମା ଦିଅନ୍ତି ସେ କଥା ଆମକୁ ଅଜଣା । ଜଣାଇବାକୁ ସେ ବାଧ ମଧ ନୁହନ୍ତି । ନିକଟ ଅତୀତରେ ୨୦୧୨ ଜୁନ୍ ୨ରେ ପୂର୍ବତନ ରାଷ୍ଟ୍ରପତି ପ୍ରତିଭା ପାଟିଲ ଧର୍ଷଣ ଓ ହତ୍ୟା ଅପରାଧରେ କାରାଦଣ୍ଡ ଭୋଗୁଥିବା ବାନ୍ଧୁ ବାବୁରାଓ ତିଡେଜରକୁ ଦେଇ ଅପରାଧି ଜାତିକୁ ଛତ୍ରଛଶାୟା ପ୍ରଦାନ କରିଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ । ତେବେ ଦଣ୍ଡ ଦେବ ତ କାହାକୁ ? ପ୍ରଶ୍ନ ବର୍ତ୍ତମାନ ସମସ୍ତଙ୍କ ମନରେ ଉଙ୍କି ମାରୁଛି । ଦୁଷ୍କର୍ମ କାରୀ କଠୋର ଦଣ୍ଡ ପାଇବା ବିଧେୟ । ମାତ୍ର ଅପରାଧ ମନଷ୍କତାକୁ ପ୍ରସୟ ଦେଉଥିବା ବ୍ୟବସ୍ଥା ଓ ବ୍ୟକ୍ତି ବିଶେଷ କ'ଣ ଏଥିପାଇଁ ଦାୟୀ ନୁହେଁ । ତେବେ କାହିଁକି ଉତ୍ତରପ୍ରଦେଶରେ ଏ ଲଙ୍କାକାଣ୍ଡ ? କାହିଁକି ଅପରାଧିଙ୍କ ପ୍ରତି ଗେରୁଆ ବାବାଙ୍କ ଏତେ ଦରଦ ? ଅପରାଧିଙ୍କ ପାଇଁ ସରକାରୀ ମାମୁଁଙ୍କର ଏତେ ପୀରତି କଣ ପାଇଁ ଉପେକ୍ଷା କରାଯାଇଛି ପୀଡ଼ିତାର ପରିବାରକୁ ? କେଉଁ ସ୍ୱାର୍ଥରେ ଉତ୍ତର ପ୍ରଦେଶର ପୋଲିସ୍ ଜନତାଙ୍କ ବାଟ ଘେରୁଛି ? କାହା ପାଇଁ ଯୋଗୀ ଆଜି ମୌନବ୍ରତରେ ? ଦେଶର ଆଇନ କାନୁନ୍ କାହା ପାଇଁ ଓ କ'ଣ ପାଇଁ ଏଦେଶର ସମ୍ବିଧାନ ନ୍ୟାୟ ଗ୍ରନ୍ଥ ନାମରେ ନାମିତ ? ଅଛି କିଛି ସନ୍ତୋଷଜନକ ଉତ୍ତର ନା । କାରଣ ଆମେ ଏଭଳି ଏକ ଦେଶର ନାଗରିକ ଯେଉଁଠି ଆମେ ପ୍ରଗତିଶୀଳ ରାଷ୍ଟ୍ରର ନାଗରୀକ ଭାବେ ମାନବ ଅଧିକାର ଓ ନାରୀ ସୁରକ୍ଷାର ଡିଣ୍ଡିମ ପିଟୁ । ଦୁଷ୍କର୍ମ କାରିକୁ ଦଣ୍ଡ ଦେବା ଦାବୀରେ ହାତରେ ମହମବତୀ ଧରି ଶୋଭାଯାତ୍ରାରେ ବାହାରି ପଡୁ । ମାତ୍ର ସମୟକ୍ରମେ ମହମବତୀର ନିଆଁ ପରି ଆମ ବିଦ୍ରୋହର ନିଆଁ ବି ଧିମେଇ ଯାଏ ଓ ତତ୍ ସହିତ ନ୍ୟାୟ ପ୍ରାପ୍ତିର ଆଶା ହଜିଯାଏ । ରାଜନୈତିକ ପଶାପାଲିରେ ଏଠି ଅହରହ ନାରୀର ଉଜ୍ଜତ ନିଲାମ ହେଉଛି । ନାଲି ଫାଇଲ୍ ତଳେ ଚାପିହୋଇ ଆଜି ଅନେକ ପୀଡ଼ିତାଙ୍କ ସ୍ୱର ଉପରେ ରାଜନୀତିର ଧୂଳି ଚଢିଗଲାଣି । ଏ ଦେଶ ଧିରେ ଧିରେ ବବଳାତ୍କାରୀ ଧାମରେ ପରିଣତ ହେବାରେ ଲାଗିଛି । ଆମ ଆଇନ୍ ର ଅନ୍ଧାରୀ ବ୍ୟବସ୍ଥା ରେ ଗଳାବାଟ ଦେଇ ଅପରାଧି ମାନେ ଖସି ଚାଲିଛନ୍ତି । ନିର୍ଭୟା, ଇତିଶ୍ରୀ, ଛବିରାଣୀ , ବେବୀନା, ମନିଷା ପରି ଅନେକ ଧର୍ଷିତା ଉପରେ ଥାଇ ଲୁହ ନିଗାଡୁଥିବା ବେଳେ ମାତୃ ଗର୍ଭରେ ଥିବା ନିଷ୍ପାବ କନ୍ୟା ସନ୍ତାନଟିଏ ଜନ୍ମନେଲା ବେଳେ ତା ପ୍ରଥମ କୁଆଁ ରାବରେ ଯେମିତି ଏ ସମାଜକୁ ପ୍ରଶ୍ନ ନିକ୍ଷେପଣ କରି କହୁଛି । ଏ ମା ଏ ଦେଶରେ ମୋର ଅସ୍ତିତ୍ୱ ସୁରକ୍ଷିତ ରହିବ ନା । ଏଠି ତ ସବୁ ରାତି କାଳରାତ୍ରୀ ଆଉ ସବୁ ଜହ୍ନରେ କଳଙ୍କର ଚିହ୍ନ । ଏ ରାତିର କ'ଣ ଅନ୍ତ ନାହିଁ । କହନା ମା ଏ ରାତିର ସକାଳ କେବେ ? ଏ ପ୍ରଶ୍ନ ଏବେ ସମସ୍ତଙ୍କ ମନରେ ଉଙ୍କି ମାରୁଛି । କିଏ ଦବ ଏହାର ଉତ୍ତର ? ମନର ସବୁ ଦ୍ୱନ୍ଦ୍ୱକୁ ଲିଭାଇ ଦେଇ କିଏ ସେ ମୁକ୍ତ କଣ୍ଠରେ କହିପାରିବ ଏ ରାତିର ସକାଳ କେବେ ?

+ ସାମ୍ବାଦିକା,
ନିହଲପ୍ରସାଦ, ଢେଙ୍କାନାଳ
ମୋ-୭୩୨୫୯୬୦୨୭୮

ସତର୍କ ଭାରତ, ସମୃଦ୍ଧ ଭାରତ

ଇଂ ଶୁଭାଶିଷ ସୌଭାଗ୍ୟ ଶେଖର ସ୍ୱାଇଁ

ସତର୍କ ରହିବା କୁ ହେଲେ ସର୍ବଦା ସଚେତନ ହେବା କୁ ପଡିବ । ଏଥିରେ ଅବହେଳା କଲେ ଭେଳା ବୁଡିଯିବ । କବି ଗଙ୍ଗାଧର ମେହେର ଲେଖିଛନ୍ତି- ଅଙ୍ଗୁଳି ପ୍ରବେଶୁଁ ବାହୁ ପ୍ରବେଶିବ କରୁ ଯେବେ ଅବହେଳା, କ୍ଷୁଦ୍ର ଛିଦ୍ର ପଥେ ଜଳ

ବିବିଧ ବିଶ୍ୱ
ଦେଶ ବିଦେଶର ଜଣାଅଜଣା
ଧ୍ୱନି ପ୍ରତିଧ୍ୱନି
୫ ♣ ବାଲେଶ୍ୱର ♣ ଗୁରୁବାର, ନଭେମ୍ବର ୧୯, ୨୦୨୦

ପ୍ରଦୀପ୍ତ ଆଚାର୍ଯ୍ୟ

କରୋନା ମହାମାରୀ ସମୟରେ ଅଭିଭାବକଙ୍କ ଦାୟିତ୍ୱ ଓ କର୍ତବ୍ୟ

ସମଗ୍ର ବିଶ୍ୱର ମାନବ ସମାଜ ଆଜି ଭୟଙ୍କର କରୋନା ମହାମାରୀର କରାଳ ମୁଖ ଗହ୍ୱର ସମ୍ମୁଖରେ ଦଣ୍ଡାୟମାନ। ଭୀତତ୍ରସ୍ତ ମାନବ ସମାଜ। ଚର୍ତୁଦିଗରେ ହାହାକାର। ସାମାଜିକ କ୍ଷେତ୍ର ଠାରୁ ଆରମ୍ଭ କରି ରାଜନୀତି,ସ୍ୱାସ୍ଥ ଏବଂ ଅର୍ଥନିତୀ କ୍ଷେତ୍ର ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ର କରୋନାର କବଳରେ କବଳିତ। ଜୀବନ ଜୀବିକା ମଧ୍ୟରେ ସଂଘର୍ଷ। ଅନିଶ୍ଚିତ ଭବିଷ୍ୟତର ଆଶଙ୍କାରେ ସମସ୍ତେ ଆତଙ୍କିତ। ଏହି ପରିସ୍ଥିତିରେ ଭୟଙ୍କର ଭାବରେ କ୍ଷତିଗ୍ରସ୍ତ ହୋଇଛି ଶିକ୍ଷା ବ୍ୟବସ୍ଥା ଏବଂ ଚପଳମତି ଶିଶୁ ଏବଂ କିଶୋର ମାନଙ୍କର ମାନସିକତା। ଶିଶୁଟିଏ ମାତୃକୋଳ ତ୍ୟାଗକରି ଯେତେବେଳେ ବିଦ୍ୟାଳୟ ପରି ଏକ ନୂଆ ଦୁନିଆରେ ପଦାର୍ପଣ କରେ,ସେତେବେଳେ ତାର ଦ୍ୱିତୀୟ ଆପଣାର ଲୋକ ହୋଇଥାଏ ତାର ସହପାଠୀ।ବିଦ୍ୟାଳୟରେ ଦୀର୍ଘ ଛଅ ଘଂଟାର ରହଣୀ ମଧ୍ୟରେ ସହପାଠୀ ମାନଙ୍କ ସହିତ ଏକତ୍ର ଭୋଜନ,ଖେଳକୁଦ,ମାରପିଟ ତଥା ରାଗରଷା ତାର ଆତ୍ମୀୟତାକୁ ବହୁଗୁଣିତ କରିଥାଏ। ତା ମନଗହନର ସମସ୍ତ ଉହଣ୍ଡା ,ଯାହାକି ସେ ପରିବାରର ସଦସ୍ୟଙ୍କ ଆଗରେ ପ୍ରକାଶ କରିବାକୁ ଶଙ୍କା କରିଥାଏ,ତାହା ସହପାଠୀଙ୍କ ସମ୍ମୁଖରେ ନିର୍ଦ୍ୱନ୍ଦରେ

ପରିପ୍ରକାଶ କରିବାକୁ କୁଣ୍ଠା ପ୍ରକାଶ କରିନଥାଏ।କ୍ରମେ ବିଦ୍ୟାଳୟ ତାର ଏକ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଯାଏ। ଆଜି କିନ୍ତୁ ତାହା ସମ୍ପୂର୍ଣ ବିପର୍ଯ୍ୟସ୍ତ । ମାର୍ଚ୍ଚମାସଠାରୁ ଅଦ୍ୟାବଧି ଦୀର୍ଘ ଛଅମାସ ଧରି ବିଦ୍ୟାଳୟରେ ତାଲା ଝୁଲୁଛି ଏବଂ କେବେ ଖୋଲିବ ତାହା ମଧ୍ୟ ଅନିଶ୍ଚିତ। ଏତଦ୍‌ବ୍ୟତୀତ ସରକାରୀ କୋଭିଡ ନିୟମାନୁଯାୟୀ ଦୁଇ ମିଟର ସାମାଜିକ ଦୂରତ୍ୱ ରକ୍ଷାକରି ଶ୍ରେଣୀଗୃହରେ ପ୍ରତ୍ୟକ୍ଷ ଶିକ୍ଷାଦାନ କେବେବି ସମ୍ଭବ ନୁହେଁ। ସରକାର ଏଦିଗରେ ଏଯାବତ୍ କୌଣସି ସ୍ଥିର ନିଷ୍ପତି ନେଇ ପାରୁନାହାନ୍ତି। କରୋନାର ଭୟଙ୍କର ବ୍ୟାପକତା କେବେଯେ ପ୍ରଶମିତ ହେବ ତାହାର ନିର୍ଦ୍ଦିଷ୍ଟତା ସନ୍ଦିହାନ। ପିଲାଟି ଆଜି ନିଜ ଘରେ ଗୃହବନ୍ଦୀ। ଅନେକ ଆନୁସଙ୍ଗିକ କାରଣ ତାକୁ ମାନସିକ ସ୍ତରରେ ଚାପଗ୍ରସ୍ତ କରାଉଅଛି। ତନ୍ମଧ୍ୟରୁ ୧)ପ୍ରଥମ ହେଲା ନିଃସଙ୍ଗତା। ବାହାରକୁ ଯାଇ ସାଙ୍ଗସାଥୀ ମାନଙ୍କ ସହିତ ନମିଶିବା ନିମନ୍ତେ କଠୋର କଟକଣା। ୨) ହ୍ୱାଟସ ଆପ ଏବଂ ଅନଲାଇନ ପରି ଅନାକର୍ଷଣୀୟ ଶିକ୍ଷାଦାନରେ ପିଲାମାନେ ଆଗ୍ରହ ପ୍ରକାଶ କରିପାରୁ ନାହାନ୍ତି। ୩) ଗ୍ରାମାଚଂଳର ଅଧିକାଂଶ ଛାତ୍ର ବିଜୁଳି ସେବା,ମୋବାଇଲ ସେବା ଏବଂ ସର୍ବୋପରି ମୋବାଇଲ କ୍ରୟ କରିବା କ୍ଷମତାରୁ ବଂଚିତ।୪)ସାମାଜିକ ଗଣ ମାଧ୍ୟମରେ କରୋନାର ଭୟାବହତା,କରୋନା ଜନୀତ ମୃତ୍ୟୁ, କରୋନାର ବ୍ୟାପକତା, ଲକ୍‌ଡାଉନ, ସଟ୍‌ଡାଉନ, କଂଟେନମେଂଟ୍, ସୋସିଆଲ ଡିଷ୍ଟାନ୍ସ ପରି ଶବ୍ଦ ର ବାରମ୍ବାର ପ୍ରଚାର,କୋମଳମତି ଶିଶୁ ଏବଂ କିଶୋର ମାନଙ୍କ ମାନସିକତାକୁ ଗଭୀର ଭାବରେ ପ୍ରଭାବିତ କରୁଅଛି।୫) ବିଦ୍ୟାଳୟ ବନ୍ଦ ସାଙ୍ଗକୁ କୋଚିଙ୍ଗ ସେଂଟର ତଥା ଟିଉସନ ଉପରେ ମଧ୍ୟ କଟକଣା। ଏପରିକି ପଡୋଶୀ ପିଲାମାଙ୍କ ସହିତ ଖେଳକୁଦ ନକରିବା ପାଇଁ ମଧ୍ୟ ଅଭିଭାବକ ମାନଙ୍କର କଡା ତାଗିଦା।୬)ଶିଶୁ ମାନଙ୍କ କ୍ଷେତ୍ରରେ କଥାଟା ଟିକେ ନିଆରା,କିନ୍ତୁ କିଶୋର ମାନଙ୍କ କ୍ଷେତ୍ରରେ ସଙ୍ଗହୀନ ଜୀବନ ଯାପନ ଅତ୍ୟନ୍ତ ଦୁର୍ବିସହ। ଶିଶୁସୁଲଭ ଉଦ୍ଦାମତା,କୈଶୋରାବସ୍ଥାର ଚପଳତା ଆଜି ସେମାନଙ୍କଠାରୁ ବିଲୁପ୍ତ। ୭) ଅଭିଭାବକମାନେନିଜନିଜ କାର୍ଯ୍ୟରେ ବ୍ୟସ୍ତ ରହି ସେମାନଙ୍କର ପିଲାମାନଙ୍କ ପାଇଁ ଆଦୌ ସମୟ ପ୍ରଦାନ ନକରିବା ଦ୍ୱାରା,ସେମାନଙ୍କ ମନରେ ଏକ ନକରାତ୍ମକ ଭାବନା ସୃଷ୍ଟିର ସମ୍ଭାବନା ଅବଶ୍ୟମ୍ଭାବୀ। ପିଲାମାନଙ୍କର ମୁଖମଣ୍ଡଳ ବିରସ, କଂଠସ୍ୱରରୁ ନିର୍ଗତ ହର୍ଷଧ୍ୱନିର ଫଲଗୁଧାରା ଶୁଷ୍କ,ମୃତ୍ୟୁପରି ଏକ ଅନାଗତ ଭୟରେ ସେ ଆତଙ୍କିତ। ଉପରୋକ୍ତ ପରିପ୍ରେକ୍ଷୀରେ ପିଲାମାନଙ୍କର ଅବସାଦଗ୍ରସ୍ତ ମାନସିକତାର ଭାରସାମ୍ୟ ରକ୍ଷାକରିବା ନିମନ୍ତେ ,ଅଭିଭାବକ ମାନଙ୍କୁ ଏକ ଗୁରୁତ୍ୱପୂର୍ଣ ଭୂମିକା ନିର୍ବାହ କରିବାକୁ ପଡିବ।୧) ସର୍ବପ୍ରଥମେ ଏହି ବିପଦ ସମୟରେ ଆମମାନଙ୍କୁ ପିଲାଙ୍କ ଗହଣରେ ସର୍ବାଧିକ ସମୟ ବିନିଯୋଗ କରିବାର ଆବଶ୍ୟକତା ରହିଅଛି। କିଛି କାର୍ଯ୍ୟ ନଥାଇ ବାହାରେ ଘଂଟା ଘଂଟା ଧରି ପରନିନ୍ଦା ପରଚର୍ଚ୍ଚା ରାଜନୀତି ଗୁଲି ଗପିବା ଅଭ୍ୟାସରୁ ନିବୃତ ରହି,ପିଲାମାନଙ୍କ ମନସ୍ତତ୍ୱକୁ ଅଧ୍ୟୟନ ପୂର୍ବକ ,ତାଙ୍କର ଇଚ୍ଛା ତାଙ୍କର ରୁଚିକୁ ବିଶ୍ୱେଷଣ କରି,ସେଗୁଡିକ ସକରାତ୍ମକ ଢଙ୍ଗରେ ପରିଚାଳିତ କରାଯିବା ଉଚିତ୍।୨)ଆମର ସମସ୍ତ ପରିଶ୍ରମ ସମସ୍ତ ଅର୍ଥ ରୋଜଗାର କେବଳ ଆମ ପିଲାମାନଙ୍କର ,ଆମ ଉତରାଧିକାରୀଙ୍କର ସୁନ୍ଦର ଭବିଷ୍ୟତ ଓ ମଙ୍ଗଳକଳ୍ପେ ଉଦ୍ଦିଷ୍ଟ। ଗଣମାଧ୍ୟମରେ ବାରମ୍ବାର ପ୍ରସାରିତ କରୋନାର ଭୟାବହତା ତଥା ଶିଶୁ ମାନଙ୍କ ମନରେ ନକରାତ୍ମକ ପ୍ରଭାବ ପକାଉଥିବା ପରି ପ୍ରଚାର ପ୍ରସାର ଠାରୁ ସେମାନଙ୍କୁ ଯଥେଷ୍ଟ ଦୂରତ୍ୱରେ ରଖାଯିବା ଆବଶ୍ୟକ।୩) କରୋନା ଏକ ସାଧାରଣ ଥଣ୍ଡା ଜନୀତ ରୋଗ,ଏଥିରେ ଅନେକ ଲୋକ ସୁସ୍ଥ ହେଉଛନ୍ତି, ଶରୀରର ପ୍ରତିରୋଧକ ଶକ୍ତି ବୃଦ୍ଧି କରି,ସାମାଜିକ ଦୂରତ୍ୱ, ବାରମ୍ବାର ହସ୍ତ ପ୍ରକ୍ଷାଳନ ତଥା ମାସ୍କ ପରିଧାନ ନିମନ୍ତେ ସଚେତନତା ସୃଷ୍ଟି କରାଇ,ସେମାନଙ୍କ ମନରୁ ଅହେତୁକ ଭୟ ଦୂର କରାଯିବା ଉଚିତ୍।୪)ପିଲାମାନଙ୍କୁ ,ସେମାନେ ପାଉଥିବା ହ୍ୱାଟସ ଆପ ଏବଂ ଅନ୍‌ଲାଇନ ଶିକ୍ଷା ଗ୍ରହଣରେ ସହାୟତା ପ୍ରଦାନ କରନ୍ତୁ। ମୋବାଇଲ ବ୍ୟବହାର କରିବା ସମୟରେ ନିଜେ ଉପସ୍ଥିତ ରହିବା ଉଚିତ୍ ଶିକ୍ଷା ଗ୍ରହଣ ବ୍ୟତୀତ ଅନ୍ୟ କୌଣସି ବ୍ୟବହାର ନିମନ୍ତେ ମୋବାଇଲ ଦେବା ଅନୁଚିତ୍। ୫)ସେମାନଙ୍କର ମାନସିକ ସ୍ଥିରତା ପାଇଁ , ତାଙ୍କ ମନରେ ଆଧ୍ୟାତ୍ମିକ ଚେତନା ଜାଗ୍ରତ ତଥା ଯୋଗ ପ୍ରାଣାୟମରେ ଅଭ୍ୟସ୍ତ କରାଇବା ଉଚିତ୍। ନିଜେ କରି ଉଦାହରଣ ହୋଇ ତାଙ୍କୁ ପରାମର୍ଶ ଦେଲେ ଅଧିକ ଫଳପ୍ରଦ ହୋଇପାରିବ।୬) ପିଲା ମାନଙ୍କ ଅବସର ସମୟରେ ତାଙ୍କ ସହିତ ବିଭିନ୍ନ ପ୍ରକାର ଇନ୍‌ଡୋର ଗେମ୍ ରେ ସାମିଲ ହୋଇ ତାଙ୍କ ସହିତ ବନ୍ଧୁତ୍ୱପୂର୍ଣ ବ୍ୟବହାର କରାଯିବା ଉଚିତ୍ ତଥା ସେମାନଙ୍କର ମନୋରଂଜନ ନିମନ୍ତେ ବିଭିନ୍ନ ପ୍ରକାର ସୃଜନାତ୍ମକ କାର୍ଯ୍ୟ ଯଥା ଚିତ୍ରାଙ୍କନ,ଛୋଟଛୋଟ ବିଜ୍ଞାନ ପରୀକ୍ଷା,ବର୍ଜ୍ୟବସ୍ତୁରୁ ବିଭିନ୍ନ ଗୃହସଜା ଉପକରଣ ପ୍ରସ୍ତୁତି ଇତ୍ୟାଦିରେ ନିୟୋଜିତ କରାଇପାରିଲେ ସେମାନେ ,ଅନେକାଂଶରେ ଅବସାଦ ମୁକ୍ତ ହୋଇପାରିବେ। ୭)ଅଭିଭାବକଙ୍କ ଦୃଷ୍ଟିରେ ଯେଉଁମାନେପିଲାମାନଙ୍କର ଉତମ ସାଙ୍ଗ,ବେଳେବେଳେ ସେମାନଙ୍କ ସାଙ୍ଗରେ ମୋବାଇଲରେ ବାର୍ତାଳାପ କରିବା ପାଇଁ ସୁଯୋଗ ଦେବା ଆବଶ୍ୟକ,ଯାହାକି ତାର ଭାରାକ୍ରାନ୍ତ ମନକୁ ବହୁତ

ପରିମାଣରେ ହାଲୁକା କରିବାକୁ ସକ୍ଷମ ହେବ। ୮) ସାନ୍ଧ୍ୟ ପ୍ରାର୍ଥନା ଏବଂ ଭୋଜନସମୟରେ ପରିବାରର ସମସ୍ତ ସଦସ୍ୟଙ୍କ ସହିତ ପିଲାଙ୍କୁ ସାମିଲ କରାଯିବା ଉଚିତ, ଏବଂ ସେହି ସମୟରେ ତାର ଦୈନନ୍ଦିନ କାର୍ଯ୍ୟର ସମୀକ୍ଷା ଏବଂ ତାର ପସନ୍ଦ ଅପସନ୍ଦର ସାଙ୍ଗସାଥୀ ଓ ଗୁରୁଜୀ ଗୁରୁମାଙ୍କ ସମ୍ପର୍କରେ ସୌହାର୍ଦ୍ଦ୍ୟପୂର୍ଣ ଆଲୋଚନା କରାଯିବା ଉଚିତ୍।

ସର୍ବୋପରି କରୋନା ମହାମାରୀ ସମୟର ନିଃସଙ୍ଗତା ,କୋମଳମତି ପିଲାମାନଙ୍କ ମନରେ ଯେଉଁ ପରିମାଣରେ ଭୟ ଓ ଆଶଙ୍କା ସୃଷ୍ଟିକରି ତାଙ୍କୁ ଚାପଗ୍ରସ୍ତ କରାଇଅଛି, ଅଭିଭାବକମାନେ ସମ ପରିମାଣରେ ସଚେତନ ହୋଇ ଆନ୍ତରିକ ନିଷ୍ଠାର ସହିତ, ପିଲାମାନଙ୍କ ମନକୁ ଚାପମୁକ୍ତ କରାଇବାର ପ୍ରଚେଷ୍ଟା ଜାରି ନରଖିଲେ ,ତାହା ଭବିଷ୍ୟତରେ ଏକ ଭୟଙ୍କର କ୍ଷତି ସୃଷ୍ଟି କରିବ ଏହା ନିଃସନ୍ଦେହ।

ଈଶାଣୀ ବ୍ରହ୍ମପୁର,କଟକ
ମୋ-୬୩୭୧୫୯୩୨୨୦

ଶୀତ ଦିନେ ହେୟାର ପ୍ୟାକ୍

- ଦୁଇଟି କଦଳୀ, ଦୁଇଟି ଅଣ୍ଡା, ଗୋଟିଏ ଲେମ୍ବର ରସ ଏବଂ ଦୁଇଟି ଭିଟାମିନ - କ୍ୟାପସୁଲ ମିଶାଇ ଲେପ ପ୍ରସ୍ତୁତ କରନ୍ତୁ । ଏହି ଲେପକୁ କେଶରେ ଲଗାଇ ୩୦/୪୦ ପରେ ଧୋଇ ଦିଅନ୍ତୁ । ଏହି ଲେପ ସପ୍ତାହରେ ଦୁଇ ଥର ବ୍ୟବହାର କଲେ କେଶ ଭଲ ରହିବ ।
- ଦୁଇଟି ଅଣ୍ଡାରେ କିଛି ଅଲିଭ୍ ତେଲ ମିଶାଇ ବ୍ୟବହାର କରିପାରିବେ । ଏହା ଦ୍ୱାରା କେଶର ଚମକ ବଢ଼ିବ ।
- ଗୋଟିଏ ଚାମଚ ମୁଲତାନୀ ମାଟି ଏବଂ ଗୋଟିଏ ଚାମଚ ବେସନରେ ଅଧ କପ୍ ଭିନିଗାର ମିଶାଇ କେଶରେ ଲଗାନ୍ତୁ ଏବଂ ୧୫/୨୦ମିନିଟ୍ ପରେ କେଶକୁ ସେମ୍ପୁରେ ସଫା କରି ଦିଅନ୍ତୁ । ଶୁଷ୍କ କେଶ ପାଇଁ ଯେକୌଣସି ତେଲ ମିଶାଇ ବ୍ୟବହାର କରିପାରିବେ ।
- ୨/୩ ଚାମଚ ଶିକାକାଇ ଗୁଣ୍ଡ, ରାତିରୁ ବତୁରା ଯାଇଥିବା ଗୋଟିଏ ଚାମଚ ମେଥି ଓ ଗୋଟିଏ ଚାମଚ ମୁଗ ଏବଂ ଗୋଟିଏ ଅଣ୍ଡାକୁ ଭଲ ଭାବରେ ମିଶାଇ ଲେପ ତିଆରି କରନ୍ତୁ । ଏହି ଲେପକୁ ସାମ୍ପୁ ଭଳି କେଶରେ ବ୍ୟବହାର କରନ୍ତୁ ।
- ଦହି ମଧ କେଶ ପାଇଁ ଲାଭଦାୟକ । ଏହା କେଶକୁ ଚିକ୍କଣ ଓ ଆକର୍ଷଣୀୟ କରିବା ସହ ରୂପି ମଧ କମ୍ କରିଥାଏ । ଗୋଟିଏ କପ୍ ବସା ଦହିରେ ଗୋଟିଏ ଅଣ୍ଡାର କେବଳ ହଳଦିଆ ଅଂଶ ଓ ଗୋଟିଏ ଚାମଚ ଲେମ୍ବୁରସ ମିଶାନ୍ତୁ । ଏହି ପ୍ୟାକ୍‌କୁ କେଶରେ ଲଗାଇ ଅଧଘଣ୍ଟା ପରେ ସଫା କରିଦିଅନ୍ତୁ ।
- ଗୋଟିଏ ଚାମଚ ମହୁରେ ଦୁଇ ଚାମଚ ଜଡା ତେଲ ଏବଂ ଗୋଟିଏ ଅଣ୍ଡା ମିଶାଇ ସେହି ମିଶ୍ରଣକୁ କେଶରେ ଲଗାଇପାରିବେ । ଏହାକୁ ଲଗାଇବାର ଗୋଟିଏ ଘଣ୍ଟାପରେ କେଶ ସଫା କରିଦେବେ ।
- କେଶରେ ଏକ ଚାମଚ ଘିକୁଆଁରି ରସ, ଗୋଟିଏ ଚାମଚ ଲେମ୍ବୁରସ, ଦୁଇ ଚାମଚ ନଡିଆ କିମ୍ବା ଅଲିଭ ତେଲ ମିଶାଇ ବ୍ୟବହାର କରିପାରିବେ ।

ଶୀତ ଦିନେ ଓଠ ଫାଟୁଥିଲେ



ଶୀତ ଦିନେ ଶରୀର ପ୍ରତି ଅଧିକ ସଚେତନ ଓ ଯତ୍ନଶୀଳ ହେବାକୁ ପଡିଥାଏ । ଶୁଷ୍କ ତ୍ୱଚା ଶରୀର ଏବଂ ମୁହଁକୁ ଏକ ବ୍ୟାଡ୍ ଲୁକ୍ ଦିଏ । ଏଥିପାଇଁ ଆପଣଙ୍କୁ ସବୁବେଳେ ମଇଶ୍ଚରାଇଜର୍ ଏବଂ କ୍ରିମ୍ ବ୍ୟବହାର କରିବାକୁ ପଡିବ । ଥଣ୍ଡା ପ୍ରତି ଯେତିକି ସ୍ପର୍ଶକାତର ଓଠ ତାଠାରୁ ଦୁଇଗୁଣ ଅଧିକ ସ୍ପର୍ଶକାତର । ଓଠରେ କୌଣସି ଅଏଲ ପ୍ରଡ୍ୟୁସିଙ୍ଗ ଗ୍ଲାଣ୍ଡ ତଥା ତୈଳ ଉତ୍ପାଦନ ଗ୍ଲାଣ୍ଡ ନାହିଁ । ତେଣୁ ଶରୀରର ଅନ୍ୟ ତ୍ୱଚା ତୁଳନାରେ ଓଠର ଏକ୍ସଟ୍ରା ଯତ୍ନ ନେବା ଦରକାର । ଥଣ୍ଡା ଦ୍ୱାରା ଓଠ ଅଧିକ ଶୁଷ୍କ ହୋଇଯିବ ଏବଂ ଫାଟିବ । ଏଥିପାଇଁ ବିଭିନ୍ନ ମଇଶ୍ଚରାଇଜର, ଲିପବାମ୍ ଉପଲବ୍ଧ ହେଉଛି । ଏହା ବାଦ୍ ନଡିଆ ତେଲକୁ ମଧ ବ୍ୟବହାର କରିପାରିବେ । ନଡିଆ ତେଲ ଶୁଷ୍କତା କମାଇଦେବା ସଂଗେ ସଂଗେ ଓଠକୁ ଆବଶ୍ୟକୀୟ ମଏଶ୍ଚର ପ୍ରଦାନ କରେ । ଶୁଷ୍କ ଓଠର ଯତ୍ନ ନେବା ପାଇଁ ଏହା ହେଉଛି ବେଷ୍ଟ ଉପାୟ । ରାତିରେ ଶୋଇବାକୁ ଯିବା ପୂର୍ବରୁ ଏହାକୁ ଓଠରେ ମାରନ୍ତୁ । ତେବେ ସବୁବେଳେ ପ୍ରାକୃତିକ ଉପାୟରେ ପ୍ରସ୍ତୁତ ହୋଇଥିବା ଲିପବାମ୍ ବ୍ୟବହାର କରିବା ତ୍ୱଚା ପାଇଁ ଭଲ ହୋଇଥାଏ ।

ତ୍ୱଚାର ଉଜ୍ଜ୍ୱଳତା ବଢ଼ାଇବ ଆଳୁ





ଆଳୁ ଓ ଦହି:
ଏକ ବଡ଼ ଚାମଚ ଆଳୁ ପେଷ୍ଟ ତିଆରି କରନ୍ତୁ । ସେଥିରେ ଏକ ବଡ଼ ଚାମଚ ଦହି ମିଶାନ୍ତୁ । ଏହି ପ୍ୟାକକୁ ପ୍ରାୟ ଅଧଘଣ୍ଟାଏ ପର୍ଯ୍ୟନ୍ତ ଘୋଡ଼ାଇ ରଖିଦିଅନ୍ତୁ । ଏବେ ଚେହେରାରେ ପେଷ୍ଟକୁ ଲଗାନ୍ତୁ ଏହା କେବଳ ତ୍ୱଚା ଉଜ୍ଜ୍ୱଳତା ବୃଦ୍ଧି କରିବ ନାହିଁ ବରଂ ସ୍କିନକୁ ଟାଇଟ୍ କରିବାରେ ମଧ ସାହାଯ୍ୟ କରିବ ।

ଆଳୁ ଓ ଅଣ୍ଡା:
ଆଳୁ ଓ ଅଣ୍ଡାର ଫେସ୍ ପ୍ୟାକକୁ ଲଗାଇବା ଦ୍ୱାରା ଚେହେରାର ଛିଦ୍ର ସବୁ ଟାଇଟ୍ ହୋଇଯାଏ । ଆଳୁରୁ ରସ ବାହାର କରି ସେଥିରେ ଅଣ୍ଡାର ଧଳା ଅଂଶକୁ ମିଶାନ୍ତୁ । ଏହି ମିଶ୍ରଣକୁ ଭଲଭାବେ ଗୋଳାଇ ଚେହେରାରେ ଏବଂ ବେକରେ ଲଗାନ୍ତୁ । ୨୦ମିନିଟ୍ ପରେ ଧୋଇଦିଅନ୍ତୁ; ଦେଖିବେ ତ୍ୱଚା କେତେ ତାଜା ଏବଂ ଗ୍ଲୋ କରୁଛି ।

ଆଳୁ ଓ ହଳଦୀ:
ଆଳୁ ଓ ହଳଦୀର ଫେସ୍ ପ୍ୟାକକୁ ନିୟମିତ ବ୍ୟବହାର କଲେ ତ୍ୱଚା ଉଜ୍ଜ୍ୱଳତା ବୃଦ୍ଧି ହୋଇଥାଏ । ଅଧା ଆଳୁକୁ ଭଲଭାବେ ପେଷ୍ଟ କରନ୍ତୁ । ସେଥିରେ ସାମାନ୍ୟ ହଳଦୀ ମିଶାଇ ଚେହେରାରେ ଲଗାନ୍ତୁ । ଅଧଘଣ୍ଟା ପରେ ଉଷୁମ ପାଣିରେ ମୁହଁ ଟୋଇଦିଅନ୍ତୁ । ଦେଖିବେ କିଛିଦିନ ମଧରେ ଚମକ୍ କେମିତି ଫେରିଆସୁଛି ।

ଆଳୁ ଓ ମୁଲତାନମାଟି:
ଏହି ଫେସ୍ ପ୍ୟାକ୍ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି ସବୁଠୁ ଉତ୍ତମ ଉପାୟ । ଏହାସହ ତ୍ୱଚାରେ ଥିବା କଳାଦାଗ, ବ୍ରଣ ମଧ ଭଲ ହୋଇଯାଏ । ଫେସ୍ ପ୍ୟାକ୍ ପାଇଁ ଚୋପା ନ ଛଡ଼ାଇ ଆଳୁରେ ପେଷ୍ଟ ତିଆରି କରନ୍ତୁ । ସେଥିରେ ୪ଚାମଚ ମୁଲତାନି ମାଟି ଏବଂ କିଛି ବୁନ୍ଦା ଗୋଲାପଜଳ ମିଶାନ୍ତୁ । ଏବେ ଏହି ପେଷ୍ଟକୁ ତ୍ୱଚାରେ ଲଗାଇ ୩୦ମିନିଟ୍ ଛାଡ଼ିଦିଅନ୍ତୁ । ଏହି ପ୍ୟାକକୁ ସପ୍ତାହକୁ ଦୁଇ ଥର ଲଗାଇଲେ ଫରକ୍ ଆପଣାଛାଏଁ ଜାଣିପାରିବେ ।

କର୍ମୋରାଣ୍ଟ

ଚୀନ୍, ଜାପାନ ଓ ପୂର୍ବ ଏସିଆରେ ଦେଖାଯାଉଥିବା ସାମୁଦ୍ରିକ ପକ୍ଷୀ କର୍ମୋରାଣ୍ଟର ଲମ୍ବ ପ୍ରାୟ ୨ ହାତ, ଦେହ କଳା, ବେକ ସାପୁଆ, ଥଣ୍ଟ ଅଙ୍କୁଶୀ, ପାଦ ହଂସପାଦ ଭଳି ଲଗାଲଗି । ଏହା ଏକ ଦକ୍ଷ ମାଛ ଶିକାରୀ । କର୍ମୋରାଣ୍ଟ ସମୁଦ୍ର ଢ଼େଉ ଉପରେ ପାଣିକୁ ଛୁଇଁବା ଭଳି ଅତି ପାଖେ ପାଖେ ବହୁ ଦୂର ଉଡ଼ି ଯାଏ । ସମୁଦ୍ର ନିକଟ ପାହାଡ଼ ବା ସେହିଭଳି ଉଚ୍ଚ ସ୍ଥାନରେ ବସା ବାନ୍ଧି ଥରକେ ୪/୫ଟି ଅଣ୍ଡା ଦିଏ । ଛୁଆଗୁଡ଼ିକ ଅତି ଅସୁନ୍ଦର । କର୍ମୋରାଣ୍ଟକୁ ଲୋକେ ପୋଷା ମନାଇ ତା' ସାହାଯ୍ୟରେ ମାଛ ଧରନ୍ତି । ପୋଷା କର୍ମୋରାଣ୍ଟ ବେକରେ ଧାତୁ ବା ରବର ପଟି ବାନ୍ଧିଦେଲେ ସେ ମାଛ ଧରି ଗିଳି ନ ପାରି ମୁନିବକୁ ଦିଏ ଏବଂ ମୁନିବ ପାରିଶ୍ରମିକ ବାବଦରେ ତାକୁ ମଝିରେ ମଝିରେ ଗୋଟିଏ ମାଛ ଖାଇବାକୁ ଦିଏ । ପ୍ରାୟ ୪୦ ପ୍ରଜାତିର ଜଳଚର କର୍ମୋରାଣ୍ଟ ଦେଖା ଯାଆନ୍ତି । ଏମାନେ ମଧ ପାଣି ଭିତରୁ ସାପ ମାରି ଖାଇଯାଆନ୍ତି ।

କର୍କଟ ଜୀବାଣୁ ହ୍ରାସକରେ କଳା ଗହମ

କଳାଗହମ ପାଇଁଲାଭଦାୟକ । ଏଥିରେ ୬୦ ପ୍ରତିଶତ ଲୌହ, ପୁଷ୍ଟିସାର ଏବଂ ପୋଷକ ତତ୍ତ୍ୱ ରହିଛି, କର୍କଟ ଜୀବାଣୁ ହ୍ରାସ କରିବାରେ ସହାୟକ ବୋଲି ନିକଟରେ ଏକ ପତ୍ରିକା ପ୍ରକାଶ କରିଛି । ଏହି ପତ୍ରିକା ଅନୁସାରେ, 'ନ୍ୟାସନାଲ ଏଗ୍ରିଫୁଡ୍ ବାୟୋଟେକ୍ନୋଲୋଜି ଇନଷ୍ଟିଚ୍ୟୁଟ୍' ତରଫରୁ ପ୍ରାୟ ସାତ ବର୍ଷ ଅଧ୍ୟୟନ ପରେ କଳା ରଙ୍ଗର ଗହମ ଉତ୍ପାଦନ କରାଯାଇଛି । ଜିଙ୍କ ଓ ଆୟୋଡିନ୍ ର ଅଲଗା ଅଲଗା ସ୍ତର ଦେଖିବାକୁ ମିଳେ ଏହି ଗହମରେ, ଯାହା ଅନ୍ୟ ଖାଦ୍ୟରେ ବହୁତ କମ ପରିମାଣରେ ଦେଖାଯାଏ । ଆନ୍ଥୋସ୍ୟାନିନ୍ ନାମକ ଏକ ବର୍ଣ୍ଣ କଣିକା ଏହି ଗହମରେ ପ୍ରଚୁର ପରିମାଣରେ ରହିଥାଏ । ଅନ୍ୟ ଫଳ କିମ୍ବା ପରିବାରେ ଏହି କଣିକା ୫ ପିପିଏମ୍ ଥିବା ବେଳେ କଳା ଗହମରେ ଏହାର ପରିମାଣ ୧୦୦ରୁ ୨୦୦ ପିପିଏମ୍ ଥାଏ । ଯାହା ଗହମକୁ କଳା ରଙ୍ଗ କରେ । ଏଥିରେ କିଛି ପରିମାଣରେ ଷ୍ଟର୍ଚ ମଧ୍ୟ ରହିଥାଏ । ଯାହା ଭୋଗ କମାଇବା ସହ ଓଜନ କମାଇବାରେ ସାହାଯ୍ୟ କରେ । କଳାଗହମ ମନୁଷ୍ୟଙ୍କ ଖାଦ୍ୟ ଉପଯୋଗୀ କି ନୁହେଁ, ଏହାର ସତ୍ୟତା ଜାଣିବା ପାଇଁ ଏକ ମୂଷା ଉପରେ ପରୀକ୍ଷା କରିଥିଲେ । କିଛି ଦିନ ଧରି କଳା ଗହମରେ ପ୍ରସ୍ତୁତ ରୁଟି ସେମାନଙ୍କୁ ଖାଇବାକୁ ଦିଆଯାଇଥିଲା । ସେମାନଙ୍କ ସକାରାତ୍ମକ ଭାବ ବଢ଼ିବା ସହ ରକ୍ତଚାପ ଏବଂ ଶର୍କରା ପରିମାଣ ସମାନ ଜଣାପଡିଲା । ତା'ରେ ଗହମ ବଜାରରେ ବିକ୍ରି ହୋଇଥିବା ବୈଜ୍ଞାନିକମାନେ କହିଛନ୍ତି ।

ରୋଷେଇ ଫୁଟ ଜିଲାପି

ଆବଶ୍ୟକ ସାମଗ୍ରୀ:

୨୫୦ଗ୍ରାମ୍ ମଇଦା, ୫୦ଗ୍ରାମ୍ ବେସନ, ୨ଚାମଚ ଦହି, ଛାଣିବା ପାଇଁ ଘିଅ, ୩ କପ୍ ଚିନି, ଏକ ଚାମଚ ଲେମ୍ବୁରସ, ୨୦୦ଗ୍ରାମ୍ ପାଣି ବାହାରି ଯାଇଥିବା ଦହି, ଏକ ଚାମଚ ସରୁ ସରୁ କଟାଯାଇଥିବା ଅଦା, ଏକ ଚାମଚ ଅରେଞ୍ଜ୍ ମାମଲେଡ୍, ୨ ଚାମଚ କମଳା ରସ ଓ ଅଧା କପ୍ ତାଜା କଟାଯାଇଥିବା ଫଳ ।

ପ୍ରସ୍ତୁତି ପ୍ରଣାଳୀ:

ପ୍ରଥମେ ମଇଦା

୩ ବର୍ଷ ବୟସରୁ କମ ଶିଶୁଙ୍କ ପାଇଁ 'ବାତ୍ସଲ୍ୟ' ଅଭିଯାନର ଶୁଭାରମ୍ଭ

ଆଦ୍ୟ ଶୈଶବର ବିକାଶକୁ ତ୍ୱରାନ୍ୱିତ କରିବାରେ ଓଡ଼ିଶା ଦେଶର ଅଗ୍ରଣୀ : ମହିଳା ଓ ଶିଶୁବିକାଶ ମନ୍ତ୍ରୀ

ଭୁବନେଶ୍ୱର,୧୮।୧୧ (ନି.ପ୍ର): ତିନିବ ର୍ଷରୁ କମ୍ ବୟସର ଶଶୁମାନଙ୍କ ଯତ୍ନ ଏବଂ ସେମାନଙ୍କ ବିକଶିତ ଶୈଶବକୁ ଆନୁଷ୍ଠାନିକ ରୂପରେଖ ପ୍ରଦାନ କରିବା ଲକ୍ଷ୍ୟରେ ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ଆଜିଠାରୁ 'ବାତ୍ସଲ୍ୟ' ଅଭିଯାନର ଶୁଭାରମ୍ଭ କରାଯାଇଛି । 'ବାତ୍ସଲ୍ୟ' ଅଭିଯାନରେ ପୁଷ୍ଟି ଓ ସ୍ୱାସ୍ଥ୍ୟ ସେବା ସହିତ ଉପଯୁକ୍ତ ଯତ୍ନ ଏବଂ ଶିଶୁର ମସ୍ତିଷ୍କର ବିକାଶ ସହିତ ସଂପର୍କ ସମ୍ବନ୍ଧରେ ସୂଚନା ଦିଆଯିବ। ଏଥିପାଇଁ ସାମାଜିକ ଓ ବ୍ୟବହାରିକ ପରିବର୍ତ୍ତନ ପାଇଁ ଉଦ୍ଦିଷ୍ଟ ସୂଚନା ସାମଗ୍ରୀ ଯେପରିକି ପ୍ରିକୋ ପ୍ରୋଜେକ୍ଟର ମାଧ୍ୟମରେ ଆଂଚଳିକ ଭାଷାରେ ଭିଡ଼ିଓ, ପୋଷ୍ଟର, ଟିକି ମାଉସୀର ହାସ୍ୟଚିତ୍ର ଆଦିର ବ୍ୟବହାର କରାଯିବ। ଏହି ଅବସରରେ ଡିଜିଟାଲ୍ ମାଧ୍ୟମରେ ଶିଶୁମାନଙ୍କ ପାଇଁ କୁନି କାଲେଣ୍ଡର, ମାତୃଭାଷାଭିତିକ ୧୧ଟି ପୋଷ୍ଟର, ଓଡ଼ିଆ ଭାଷାରେ ପ୍ୟାରେଂଟସ୍ ପ୍ଲସ୍ ମଡ୍ୟୁଲ୍, ସୁଖଦ ଲାଳନପାଳନ ସଂପର୍କିତ ଫ୍ଲିପ୍ ବୁକ୍, ପ୍ରାକ୍ ଶୈଶବ ଉଦ୍ଦୀପନା ସଂପର୍କିତ ଭିଡ଼ିଓ ଚିତ୍ର ସମ୍ବଳିତ 'ବାତ୍ସଲ୍ୟ' ପ୍ୟାକେଜ୍ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ ଉନ୍ମୋଚନ କରିଥିଲେ । ୧୦ଟି ଜନଜାତି ଭାଷାରେ ପ୍ରସ୍ତୁତ 'ଘରେ ଘରେ ଅରୁଣିମା' କ୍ୟାଲେଣ୍ଡର ପ୍ରଦର୍ଶିତ ହୋଇଥିଲା । ଭର୍ଚୁଆଲ୍ ମୋଡ୍ ରେ ଅନୁଷ୍ଠିତ ଏକ ଉତ୍ସବରେ 'ବାତ୍ସଲ୍ୟ' ଅଭିଯାନର ଲୋକାର୍ପଣ କରି ବିଭାଗୀୟ ମନ୍ତ୍ରୀ ଶ୍ରୀମତୀ ସାହୁ କହିଲେ, 'ପ୍ରତ୍ୟେକ ଶିଶୁର ବିକଶିତ ଏବଂ ପରିପୂର୍ଣ୍ଣ ଶୈଶବ ପାଇଁ ପିତାମାତାଙ୍କଠାରୁ ଆରମ୍ଭ କରି ପରିବାରର ପ୍ରତ୍ୟେକ ସଦସ୍ୟଙ୍କ ନିକଟରୁ ପର୍ଯ୍ୟାପ୍ତ ବାତ୍ସଲ୍ୟମମତା ପାଇବା ଆବଶ୍ୟକ। ଶିଶୁର ଲାଳନପାଳନରେ ପିତାମାତା ଏବଂ ପରିବାରର ଯେଉଁ ଦାୟିତ୍ୱ ଓ କର୍ତବ୍ୟ ରହିଛି ତାକୁ ସଠିକ୍ ଢଙ୍ଗରେ ରୂପାନ୍ତରିତ କରିବା ଦିଗରେ 'ବାତ୍ସଲ୍ୟ' ଏକ ଅଭିନବ ଏବଂ ସୁଦୂରପ୍ରସାରୀ ଅଭିଯାନ। ଏହି ଅଭିଯାନ ସଫଳତାର ସହ କାର୍ଯ୍ୟକାରୀ ହେଲେ ଆଦ୍ୟ ଶୈଶବର ବିକାଶକୁ ତ୍ୱରାନ୍ୱିତ କରି ଶିଶୁର ସାରା ଜୀବନ ପାଇଁ ଏକ ସୁଦୃଢ଼ ମୂଳଦୁଆ ପକାଇବାରେ ଓଡ଼ିଶା ସାରା ଦେଶରେ ଏକ ଅଗ୍ରଣୀ ରାଜ୍ୟରେ ପରିଗଣିତ ହେବ ।' ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରି ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ କହିଥିଲେ, ଆଦ୍ୟ ଶୈଶବର ଅଭିବୃଦ୍ଧି ନିମନ୍ତେ ଆମେ ଯେତେଶୀଘ୍ର ଶିଶୁର ସାମଗ୍ରିକ ବିକାଶରେ ବିନିଯୋଗ କରିବା ତାହାର ସୁଫଳ ସେତେଶୀଘ୍ର ପାଇପାରିବା । କାରଣ ପ୍ରଥମ ଦୁଇବର୍ଷରେ ହିଁ ଶିଶୁର ମସ୍ତିଷ୍କର ବିକାଶ ସବୁଠାରୁ ଅଧିକା ହୋଇଥାଏ । ତେଣୁ ପୁଷ୍ଟି ଓ ସ୍ୱାସ୍ଥ୍ୟସେବା ସହିତ ତା'ର ମସ୍ତିଷ୍କର ବିକାଶ ପାଇଁ ଉଦ୍ଦୀପନା ବିଶେଷ ଗୁରୁତ୍ୱ ବହନ କରିଥାଏ । ନିର୍ଦ୍ଦେଶକ, ସମନ୍ୱିତ ଶିଶୁ ବିକାଶ ଏବଂ ସମାଜ କଲ୍ୟାଣ ଶ୍ରୀ ଅରବିନ୍ଦ ଅଗ୍ରୱାଲ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ 'ବାତ୍ସଲ୍ୟ' ଅଭିଯାନର କାର୍ଯ୍ୟକାରିତା ସଂପର୍କରେ ସବିଶେଷ ସୂଚନା ଦେଇଥିଲେ। ୟୁନିସେଫ୍ ର କଂଟ୍ରି ରିପ୍ରେଜେଂଟଟିଭ୍ ଡ. ୟାସ୍ମିନ୍ ଅଲ୍ଲୀ ହକ୍ କହିଥିଲେ, ପ୍ରାକ ଶୈଶବରେ ଯଦି ଶିଶୁ ପାଇଁ ଟଙ୍କାଟିଏ ବିନିଯୋଗ କରାଯାଏ, ତେବେ ତାହା ପରେ ୧୩ ଟଙ୍କା ଭାବେ ଫେରିପାଇବା ସମ୍ଭବ ହୁଏ ଏବଂ ଶିଶୁ ବଢ଼ ହେବା ସହ ତା'ର କ୍ଷମତା ୨୫ ପ୍ରତିଶତ ବୃଦ୍ଧିପାଏ । ଶିଶୁମାନଙ୍କ ସାମଗ୍ରିକ ବିକାଶ ପାଇଁ ଓଡ଼ିଶା ସରକାର ଆପଣାଇଥିବା ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମ, ପୁଷ୍ଟିସାଧନ ପ୍ରବକ୍ତା ଟିକି ମାଉସୀ ଜରିଆରେ ସଚେତନତା ସୃଷ୍ଟି ଆଦି ଉଦ୍ୟମକୁ ସେ ଉଚ୍ଚପ୍ରଶଂସା କରିଥିଲେ । ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ଅଖିଳ ବିହାରୀ ଓଡା କହିଥିଲେ ନିଜ ନିଜ ମାତୃଭାଷାରେ ପିଲାମାନେ ପ୍ରାକ୍ ବିଦ୍ୟାଳୟ ଶିକ୍ଷାଲାଭ କରିବା ଦ୍ୱାରା ତାହା ସେମାନଙ୍କ ସମନ୍ୱିତ ବିକାଶ ପ୍ରକ୍ରିୟାକୁ ସୁଗମ କରିପାରିଛି । ଏଥିରେ ପିତାମାତାଙ୍କୁ ମଧ ସଂପୃକ୍ତ କରାଯାଇପାରିଛି । ୧୦ଟି ଜନଜାତି ଭାଷାରେ 'ଘରେ ଘରେ ଅରୁଣିମା' କ୍ୟାଲେଣ୍ଡରର ଅନୁବାଦ କରାଯାଇଛି ଏବଂ ଓଡ଼ିଶାରେ ପ୍ରଚଳିତ ଅବଶିଷ୍ଟ ଜନଜାତି ଭାଷାଗୁଡ଼ିକରେ ମଧ ଅନୁବାଦ ପାଇଁ ସମସ୍ତ ସହାୟତା ଯୋଗାଇ ଦିଆଯିବ । ବର୍ଣ୍ଣାଡ ଭାନ୍‌ଲି ଫାଉଣ୍ଡେସନ୍ ର କଂଟ୍ରି ରିପ୍ରେଜେଂଟଟିଭ୍ ମିସ୍ ରୁସ୍‌ଦା ମାଜିଦ୍ ଏବଂ ନୂଆଦିଲ୍ଲୀସ୍ଥିତ ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟର ପ୍ରାକ୍ ଶୈଶବ ବିକାଶ ଓ ଗବେଷଣା କେନ୍ଦ୍ରର ଚେୟାର ପ୍ରଫେସର ଡ. ଅନୁଭା ରାଜେଶ ଓଡ଼ିଶାର ୭୨୦୦ ଅଙ୍ଗନବାଡ଼ି କେନ୍ଦ୍ରରେ ମାତୃଭାଷାଭିତିକ ପ୍ରାକ୍ ଶୈଶବ ଶିକ୍ଷା କିଭଳି ଫଳପ୍ରଦ ହୋଇଛି ତାହା ସଂପର୍କରେ ହୋଇଥିବା ଅଧ୍ୟୟନ ରିପୋର୍ଟକୁ ଉପସ୍ଥାପନ କରିଥିଲେ । ହାଟଡିହିର ସିଡିପିଓ ସରସ୍ୱତୀ ସେଠୀ କୋଭିଡ୍-୧୯ ସମୟରେ 'ଘରେ ଘରେ ଅରୁଣିମା'ର ସଫଳତା ସଂପର୍କରେ ବର୍ଣ୍ଣନା କରିଥିଲେ । କୋରାପୁଟ ଜିଲ୍ଲା ସେମିଳିଗୁଡ଼ାସ୍ଥିତ ପୁଟୁସି ଅଙ୍ଗନବାଡ଼ି କେନ୍ଦ୍ରର ଅଙ୍ଗନବାଡ଼ି କର୍ମୀ ଫୁଲମଣି ଜେନା, ସେହି କେନ୍ଦ୍ରର ଜଣେ ପ୍ରାକ୍ ବିଦ୍ୟାଳୟ ଶିଶୁର ପିତା ଶ୍ରୀ ସୁରେନ୍ଦ୍ର ସଉନ୍ତା କୁଇ ଜନଜାତି ଭାଷାରେ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ଲାଭ ସଂପର୍କରେ ସେମାନଙ୍କ ଅଭିଜ୍ଞତା ପ୍ରକାଶ କରିଥିଲେ ।

ଜାତୀୟ ପ୍ରେସ ଦିବସ ପାଳିତ: ୧୦ ପ୍ରତିଭା ସମ୍ବୋଧିତ

ଭୁବନେଶ୍ୱର,୧୮।୧୧ (ନି.ପ୍ର): ସୋମବାର ଜାତୀୟ ପ୍ରେସ ଦିବସ ଅବସରରେ ପାନ୍ଥନିବାସ ଅଡ଼ିଟୋରିୟମ ହଲରେ ଓଡ଼ିଶା କର୍ମଜୀବି ମହାସଂଘ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି । କୋଭିଡ଼ -୧୯ ଗାଇଡ଼ଲାଇନ ପାଳନ ପୂର୍ବକ ଆୟୋଜିତ ସଭାରେ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସାମ୍ବାଦିକତା ଏବଂ ସମ୍ବାଦପତ୍ରର ସ୍ଥିତି ପରିକ୍ଷିଥିଲେ । ଏଣୁ ମାନବ ସମାଜର ମଙ୍ଗଳ ଉପରେ ସାମ୍ବାଦିକମାନେ ଖବର ଛାପିବା ନେଇ ମତ ରଖିଥିଲେ । ଏଥିରେ ମୁଖ୍ୟବକ୍ତା ଭାବେ ରାଜ୍ୟ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଯୋଗ ଦେଇ ସାମ୍ବାଦିକମାନେ ଭଲ ଖବର ପ୍ରକାଶ କରିବାକୁ ଚେଷ୍ଟା କରିବାରେ ପାଠଟି ପାଠକ ପାଠିକାଙ୍କ ଆଦୃତ ନିଶ୍ଚିତ ଭାବେ ଲାଭ କରିପାରିବ । ଯାହା ଗୋଟିଏ ପଜେଟିଭ ଖବରରେ ଥାଏ ବୋଲି କହିଥିଲେ । ସମ୍ମାନୀତ ଅତିଥି ଭାବେ ଜଗତସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି ଯୋଗ ଦେଇଥିଲେ । ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ସାହିତ୍ୟକ ରମେଶ ଚନ୍ଦ୍ର ପ୍ରଧାନ, ସମାଜସେବୀ ଭୀଷ୍ମ ନାରାୟଣ ନାୟକ, ଅରୁଣ କୁମାର ଗାଙ୍ଗୁଲି, ଦିନବନ୍ଧୁ ଦାସ, ବନ୍ଦନା ପଣ୍ଡା, ବିଷ୍ଣୁ ନାରାୟଣ ନାୟକ, ସାମ୍ବାଦିକ ବୁଧନାଥ ସ୍ୱାଇଁ, ଶିକ୍ଷାବିତ୍ ଚୈତନ୍ୟ ନାଳୀ, ଶରତ ଜୟସିଂହ, ଆଡ଼ଭୋକେଟ ଏସ.କେ ଆଲାମ ପ୍ରମୁଖ ୧୦ଜଣ ପ୍ରତିଭାଙ୍କୁ ସମ୍ମାନୀତ କରାଯାଇଥିଲା । ଆୟୋଜକ ସଂଘ ସଭାପତି ତଥା ଦି ପାଓନିୟର ବରିଷ୍ଠ ସାମ୍ବାଦିକ ସୁଜ୍ଞାନ ଚୌଧୁରୀ ସଭାପତିତ୍ୱ କରିଥିଲେ । ସଂଘ ରାଜ୍ୟ ଉପ ସଭାପତି ଆଶୁତୋଷ ରଥ ଧନ୍ୟବାଦ ଅର୍ପଣ କରିଥିଲେ । କୋଷାଧକ୍ଷ ଶ୍ୟାମ ସୁନ୍ଦର ରାଉତ ଏବଂ ଦୀପକ କୁମାର ପୃଷ୍ଟିଙ୍କ ସମେତ ସଂଘର ସମସ୍ତ କର୍ମକର୍ତା ସଭା ପରିଚାଳନାରେ ସହଯୋଗ କରିଥିଲେ ।

ପାଟକୁରା ଗ୍ରାମରେ ଜବରଦଖଲ ସମସ୍ୟା ନେଇ ଜିଲ୍ଲାପାଳଙ୍କ ଠାରେ ଦାବି

କେନ୍ଦ୍ରାପଡ଼ା,୧୮।୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଗରଦପୁର ବ୍ଲକ ଅଧିନ ପାଟକୁରା ଗ୍ରାମର କେତେକ ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ମାନେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ସେମାନଙ୍କର ଦାବି ମୁତାବକ ଗ୍ରାମର ଜନସଂଖ୍ୟା ୨ ହଜାର ରୁ ଉର୍ଦ୍ଧ୍ୱ ଥିବାବେଳେ ଗ୍ରାମର କେତେକ ଅସାଧୁ ବ୍ୟକ୍ତି ଜଳ ନିଷ୍କାସନ ପଥକୁ ଅବରୋଧ କରି ଜବରଦଖଲରେ ରଖିଛନ୍ତି। ଫଳରେ ପଂଚାୟତ ଅଫିସ ପରିସର, ଗାଁର ସାପ୍ତାହିକ ହାଟ ପ୍ରଭୃତି ଯାଗାରେ ପାଣି ଜମିରହି ଗ୍ରାମବାସୀଙ୍କ ଯିବା ଆସିବାରେ ବାଧା ସୃଷ୍ଟି କରୁଛି । ଏହି ବ୍ୟକ୍ତିମାନେ ଜନ ସାଧାରଣଙ୍କୁ ଭୟଭିତ କରାଇବା ଓ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ସରକାରୀ ଜମିକୁ ଜବରଦଖଲ ରେ ରଖିଛନ୍ତି । ଏମାନଙ୍କ ଠାରୁ ଜବରଦଖଲ ମୁକ୍ତ କରାଇବା ପାଇଁ ଗ୍ରାମର ସରପଂଚ ସୂର୍ଯ୍ୟମଣି ସେଠୀ, ବଲଭ କୁମାର ନନ୍ଦୀ, ବଲଭ ବେହେରା, କୈଳାସ ଚନ୍ଦ୍ର ନନ୍ଦୀ, ଅବଦୁଲ ରସିଦ୍ ଖାନ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ଦାବି କରିଛନ୍ତି ।

ମାଳତୀଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନାରେ ଅଙ୍ଗନବାଡ଼ି ଶିଶୁମାନଙ୍କୁ ଜୋତା, ମୋଜା ଏବଂ ସ୍ୱେଟର ପ୍ରଦାନ

୧୬ ଲକ୍ଷ ୧୪ ହଜାର ଶିଶୁ ଉପକୃତ

ଭୁବନେଶ୍ୱର,୧୮।୧୧ (ନି.ପ୍ର): ଚଳିତ ବର୍ଷଠାରୁ ଅଙ୍ଗନବାଡ଼ିରେ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ଲାଭ କରୁଥବା ୩ରୁ ୬ ବର୍ଷ ବୟସର ଶିଶୁମାନଙ୍କ ନିମନ୍ତେ ମାଳତୀଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନାରେ ନୂଆ ଜୋତା, ମୋଜା ଏବଂ ସ୍ୱେଟର ଦେବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି । ଜୋତା ପିଲାମାନଙ୍କ୍ ପାଦକୁ କୌଣସି ଖଣ୍ଡିଆଖାବରା ଜନିତ ଦୁର୍ଘଟଣାରୁ ସୁରକ୍ଷା ଦେବ ଏବଂ ଶୀତ ଋତୁରେ ସ୍ୱେଟର ସେମାନଙ୍କୁ ଶୀତରୁ ସୁରକ୍ଷା ଦେବାରେ ସହାୟକ ହେବ । ନଭେମ୍ବର ୧୪ ତାରିଖ ଶିଶୁ ଦିବସ ଅବସରରେ ଅଙ୍ଗନବାଡ଼ି କେନ୍ଦ୍ର ଗୁଡ଼ିକରେ ଆୟୋଜିତ ଉତ୍ସବରେ ଶିଶୁମାନଙ୍କୁ ଜୋତା ମୋଜା ଏବଂ ଶୀତବସ୍ତ୍ର ବଂଟନ ଆରମ୍ଭ ହୋଇଛି । ୧୭ ନଭେମ୍ବର ସୁଦ୍ଧା ରାଜ୍ୟରେଥିବା ୭୨,୫୮୭ ଟି ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟରୁ ୫୨,୪୮୫ଟି ଅଙ୍ଗନବାଡ଼ି କେନ୍ଦ୍ରରେ ଶିଶୁମାନଙ୍କୁ ଏକ ହଳ ଜୋତା ଓ ମୋଜା ଏବଂ ଗୋଟିଏ ସ୍ୱେଟର ପ୍ରଦାନ କରାଯାଇଛି । ସରକାରଙ୍କ ଦ୍ୱାରା ସ୍ଥିରୀକୃତ ହୋଇଥିବା ନିୟମାବଳୀ ଅନୁସାରେ ପିଲାମାନଙ୍କୁ କଳା ଜୋତା, ଗୋଲାପି ମୋଜା ଏବଂ ଖଇରିଆ ରଙ୍ଗର ଭି-ନେକ୍ ବିଶିଷ୍ଟ ପୂରା ହାତର ସ୍ୱେଟର ପ୍ରଦାନ କରାଯାଇଛି । ୨୫ ନଭେମ୍ବର ସୁଦ୍ଧା ରାଜ୍ୟର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରର ଶିଶୁମାନଙ୍କୁ ସ୍ୱେଟର ଦେବା କାର୍ଯ୍ୟ ଶେଷ କରିବା ନିମନ୍ତେ ଲକ୍ଷ୍ୟ ରଖାଯାଇଛି । ଅଙ୍ଗନବାଡ଼ି କେନ୍ଦ୍ର ଗୁଡ଼ିକରେ ପିଲାମାନଙ୍କୁ ଏହି ସବୁ ସାମଗ୍ରୀ ବଂଟନ ସମୟରେ ସ୍ଥାନୀୟ ଅଂଚଳର ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତି, ମାତୃ ଏବଂ ଯାଂଚ କମିଟିର ସଦସ୍ୟ, ପିତାମାତା, ଜେଜେବାପା, ଜେଜେମା ମାନେ ଉପସ୍ଥିତ ଥିଲେ । ଏହି ପରିଧାନ ବିତରଣ କାର୍ଯ୍ୟକ୍ରମରେ କୋଭିଡ୍ ନିୟମାବାଳୀର କଡ଼ାକଡ଼ି ଅନୁପାଳନ କରାଯାଇଥିଲା ।

ଯାଜପୁରରେ୨୪ ଘଂଟାରେ ଆଦାୟ ହେଲା ୨୧୮ ଜଣଙ୍କ ଠାରୁ ଜୋରିମାନା

ଭୁବନେଶ୍ୱର,୧୮।୧୧ (ନି.ପ୍ର): ଯାଜପୁର ଜିଲ୍ଲାରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିବା, ବାହାରେ ଛେପ ପକାଇବା ସାମାଜିକ ଦୂରତ୍ୱ ନ ମାନିବା ଓ ଯାନବାହନ ଆଇନ ଉଲ୍ଲଂଘନକୁ ନେଇ ମୋଟ ୨୧୮ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ଏମାନଙ୍କ ଠାରୁ ୧୦୯୦୦୦ ଟଙ୍କାର ଜୋରିମାନା ଆଦାୟ କରା ଯାଇଥିବା ନେଇ ଯାଜପୁର ପୋଲିସ ପକ୍ଷରୁ ସୂଚନା ଦିଆ ଯାଇଛି ।

୬ ଜିଲ୍ଲାରେ ବିଜେପିର ନୂତନ କାର୍ଯ୍ୟାଳୟ ଭବନ ଉଦ୍‌ଘାଟିତ: ୨୦୨୪ରେ ରାଜ୍ୟରେ ବିଜେପି ସରକାର ଗଠନ କରିବ:ଜେ.ପି ନଡ୍ଡା

ଓଡିଶାରେ ଆଉ ୬ଟି କାର୍ଯ୍ୟାଳୟ

ଭୁବନେଶ୍ୱର,୧୮।୧୧ (ନି.ପ୍ର): ବିଜେପି କାର୍ଯ୍ୟାଳୟ ଏକ କୋଠା ନୁହେଁ ବରଂ ଏହା ଏକ ସଂସ୍କାର କେନ୍ଦ୍ର ବୋଲି ବିଜେପି ରାଷ୍ଟ୍ରୀୟ ସଭାପତି ଶ୍ରୀ ଜଗତ ପ୍ରକାଶ ନଡ୍ଡା କହିଛନ୍ତି । ଆଜି ଦିଲ୍ଲୀ ଠାରେ ଶ୍ରୀ ନଡ୍ଡା ଭିଡିଓ କନଫରେନ୍ସରେ ରାଜ୍ୟର ୬ଟି ଜିଲ୍ଲା ଅନୁଗୁଳ, ଢେଙ୍କାନାଳ, କେଉଁଝର, ବାରିପଦା, ସୁନ୍ଦରଗଡ ଏବଂ ବରଗଡ ଠାରେ ବିଜେପିର ନୂତନ କାର୍ଯ୍ୟାଳୟ ଭବନକୁ ଉଦଘାଟିତ କରି ଏହା କହିଛନ୍ତି । ଶ୍ରୀ ନଡ୍ଡା କାର୍ଯ୍ୟକର୍ତାଙ୍କୁ ଉଦବୋଧନ କରି କହିଛନ୍ତି ଯେ, ଓଡିଶା ବିଜେପି ପାଇଁ ଆଜି ଖୁସିର ଦିନ । ୨୦୧୪ ମସିହାରେ ଦେଶର ପ୍ରତ୍ୟେକ ଜିଲ୍ଲାରେ ବିଜେପିର କାର୍ଯ୍ୟାଳୟ ନିର୍ମାଣ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଳ୍ପନା କରିଥିଲେ । ଏବେ ସୁଦ୍ଧା ଦେଶର ୪୦୦ ଜିଲ୍ଲାରେ ବିଜେପି କାର୍ଯ୍ୟାଳୟ ନିର୍ମାଣ ହୋଇସାରିଥିବା ସମୟରେ ୨୦୦ ଜିଲ୍ଲାରେ ନିର୍ମାଣ କାମ ଚାଲିଛି ଏବଂ ବାକି ଅନ୍ୟାନ୍ୟ ଜିଲ୍ଲାରେ ଜମି ଅଧିଗ୍ରହଣ କାର୍ଯ୍ୟ ଚାଲୁରହିଛି । ଓଡିଶାରେ ଆଗାମୀ ଦିନରେ ଆଉ ୬ଟି କାର୍ଯ୍ୟାଳୟ ନିର୍ମାଣ ହେବ ବୋଲି ଶ୍ରୀ ନଡ୍ଡା କହିଛନ୍ତି । ଉଦ୍‌ଘାଟିତ ହୋଇଥିବା ୬ଟି ନୂତନ କାର୍ଯ୍ୟାଳୟରେ ଆଧୁନିକ ବ୍ୟବସ୍ଥା ରହିଛି। ଏହା ଭିତରେ କନଫରେନ୍ସ ହଲ୍, ମିଟିଙ୍ଗ ହଲ୍, ଡିଜିଟାଲ କାର୍ଯ୍ୟ ପାଇଁ ଉପକରଣ, ଇ-ଲାଇବ୍ରେରୀ ଆଦି ରହିଛି। କାର୍ଯ୍ୟକର୍ତାମାନେ ଏହି କାର୍ଯ୍ୟାଳୟକୁ ବ୍ୟବହାର କରି ନିଜର ବିକାଶ କରିବା ସହ ତୃଣମୂଳସ୍ତରରେ ଦଳକୁ ଆଗକୁ ବଢାଇବା କାର୍ଯ୍ୟ କରିବେ । ଓଡିଶାରେ ମୋଦି ସରକାର ଅନେକ ବିକାଶମୂଳକ କାର୍ଯ୍ୟ କରିଛନ୍ତି ।ଗତ ବିଧାନସଭା ନିର୍ବାଚନରେ ଓଡିଶାରେ ୩୩ ଟି ଜନଜାତି ସିଟ୍ ରୁ ୧୧ଟି ସିଟ୍ ରେ ବିଜେପି ବିଜୟୀ ହୋଇଥିଲା । ୨୦୧୪ରେ ବିଜେପିର ଭୋଟ ସେୟାର ୨୧ ପ୍ରତିଶତ ଥିବାବେଳେ ୨୦୧୯ରେ ଏହା ୩୮ ପ୍ରତିଶତକୁ ବୃଦ୍ଧି ପାଇଛି । ୨୦୨୪ରେ ରାଜ୍ୟରେ ବିଜେପି ସରକାର ଗଠନ କରିବ ବୋଲି ଶ୍ରୀ ନଡ୍ଡା କହିଛନ୍ତି । ରାଜ୍ୟରେ ୬ ଜିଲ୍ଲାରେ ୬ଟି ନୂତନ କାର୍ଯ୍ୟାଳୟ ଉଦଘାଟନ ହୋଇଥିବାରୁ ଓଡିଶା ବିଜେପି ପକ୍ଷରୁ ରାଷ୍ଟ୍ରୀୟ ଅଧକ୍ଷ ଶ୍ରୀ ଜଗତ ପ୍ରକାଶ ନଡ୍ଡା ଏବଂ ପୂର୍ବତନ ଅଧକ୍ଷ ଅମିତ ଶାହାଙ୍କୁ କୃତଜ୍ଞତା ଜଣାଇଛନ୍ତି ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି । ଭୁବନେଶ୍ୱର ଠାରେ ରାଜ୍ୟ ସଭାପତି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ଦିଲ୍ଲୀ ଠାରେ ଦୁଇ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଷଡଙ୍ଗୀ, ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା ଏବଂ ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଭୁବନେଶ୍ୱର ଠାରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ରାଷ୍ଟ୍ରୀୟ ସହ ସଙ୍ଗଠନ ମନ୍ତ୍ରୀ ସୌଦାନ ସିଂ ଏବଂ ରାଷ୍ଟ୍ରୀୟ ସାଧାରଣ ସଂପାଦକ ଅରୁଣ ସିଂ, କାର୍ଯ୍ୟାଳୟ ନିର୍ମାଣ ରାଜ୍ୟ ସଂଯୋଜକ ତଥା କୋଷାଧକ୍ଷ ସୁଦର୍ଶନ ଗୋଏଲ, ରାଜ୍ୟ ସାଧାରଣ ସଂପାଦକ (ସଙ୍ଗଠନ) ମାନସ ମହାନ୍ତି, ରାଜ୍ୟ - ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ, ପୂର୍ବତନ ମନ୍ତ୍ରୀ ସୁରମା ପାଢୀ ପ୍ରମୁଖ ଉପସ୍ଥିତ ଥିଲେ । ଭିଡିଓ କନଫରେନ୍ସରେ ସୁନ୍ଦରଗଡର ସାଂସଦ ଜୁଏଲ ଓରାମ, ବାରିପଦା ସାଂସଦ ବିଶେଶ୍ୱର ଟୁଡୁ, ବରଗଡ ସାଂସଦ ସୁରେଶ ପୂଜାରୀ, ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସମେତ ୬ ଟି ଜିଲ୍ଲାର ବରିଷ୍ଠ କାର୍ଯ୍ୟକର୍ତା ପ୍ରମୁଖ ଉପସ୍ଥିତ ଥିଲେ ।

୩୧ ତମ ପିକକ୍ ଶିଶୁମେଳାର ଚତୁର୍ଥ ସଂନ୍ଧ୍ୟା : ପିଲା ମାନଙ୍କ କଣ୍ଠରେ ଅକ୍ଷୟ ସଙ୍ଗୀତ

କଣ୍ଠଶିଳ୍ପୀ ସ୍ମରଣୀକା ନାୟକଙ୍କୁ ପିଲାଙ୍କ ଅକ୍ଷୟ ସମ୍ମାନ – ୨୦୨୦

ଭୁବନେଶ୍ୱର,୧୮।୧୧ (ନି.ପ୍ର): ଡିଜିଟାଲ ମଂଚରେ ଆଜିଥିଲା ପିକକ୍ ଶିଶୁମେଳାର ଚତୁର୍ଥ ସଂନ୍ଧ୍ୟା। ଆଜିର ସଂନ୍ଧ୍ୟାକୁ ଉତ୍ସର୍ଗ କରଯାଇଥିଲା ଓଡିଶା ର ବିଶିଷ୍ଟ ସଙ୍ଗୀତଜ୍ଞ ଅକ୍ଷୟ ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ । ଶିଶୁ କଣ୍ଠଶିଳ୍ପୀମାନେ ଅକ୍ଷୟ ମହା

୨୬ ନଭେମ୍ବର ସର୍ବ-ଭାରତୀୟ ଧର୍ମଘଟକୁ ସିପିଆଇର ସମର୍ଥନ

ଭୁବନେଶ୍ୱର,୧୮।୧୧ (ନି.ପ୍ର): ଶ୍ରମିକ କୃଷକ ନୀତି ବିରୋଧରେ ଏବଂ ଶ୍ରମ କୋଡ୍ ଓ କୃଷି ଆଇନକୁ ବାତିଲ, ମନରେଗା ମାଧ୍ୟମରେ ବର୍ଷକୁ ୨୦୦ ଦିନର କାମ ଓ ୫୦୦ଟଙ୍କା ଦୈନିକ ମଜୁରୀ, ବେକାର ଯୁବକଙ୍କୁ ନିଯୁକ୍ତି, ବ୍ୟାଙ୍କ ଓ ବୀମା ସମେତ ସମସ୍ତ ରାଷ୍ଟ୍ରାୟତ ଉଦ୍ୟୋଗର ଘରୋଇକରଣ ବିରୋଧରେ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନମାନଙ୍କ ଆହ୍ୱାନରେ ଆସନ୍ତା ୨୬ ନଭେମ୍ବର ଦେଶବ୍ୟାପୀ ସାଧାରଣ ଧର୍ମଘଟ ଓ ହରତାଳ ଡାକରା ଦିଆଯାଇଛି । ଏହାକୁ ସଫଳ କରିବାକୁ ସିପିଆଇ ଓଡ଼ିଶା ରାଜ୍ୟ ପରିଷଦ ବୈଠକରେ ଆହ୍ୱାନ ଦିଆଯାଇଛି ।

ଚାଉଳ ବଣ୍ଟନରେ ଅନିୟମିତତା ଅଭିଯୋଗ : ତାଲା ଠୁଙ୍କିଲେ ହିତାଧିକାରୀ

ରାୟଗଡ଼ା ,୧୮।୧୧ (ନି.ପ୍ର): ମହାମାରୀ କରୋନା ପାଇଁ ପ୍ରଧାନମନ୍ତ୍ରୀ ଙ୍କ ନିର୍ଦ୍ଦେଶ କ୍ରମେ ହିତାଧିକାରୀଙ୍କୁ ମାଗଣା ଚାଉଳ ଆଦି ଦେବା ପାଇଁ ନିର୍ଦ୍ଦେଶ ଥିଲା କିନ୍ତୁ ଏହି ଯୋଜନାରେ ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ମଣ୍ଡିବିଶି ଗ୍ରାମପଞ୍ଚାୟତର ହିତାଧିକାରୀ ୫ମାସ ହେଲା ମାଗଣା ଚାଉଳ ଦିଆଯାଇ ନ ଥିବା ଅଭିଯୋଗ କରିଛନ୍ତି । କରୋନା ମହାମାରୀ ସମୟରେ କେନ୍ଦ୍ର ସରକାର ଚଳିତ ବର୍ଷ ଜୁଲାଇ ମାସ ଠାରୁ ନଭେମ୍ବର ମାସ ପର୍ଯ୍ୟନ୍ତ ଖାଉଟିଙ୍କୁ ମାଗଣାରେ ଚାଉଳ ସମେତ ଚଣା କିମ୍ବା ଡ଼ାଲି ପ୍ରଦାନ ପାଇଁ ଘୋଷଣା କରିଥିଲେ କିନ୍ତୁ ଏହି ପଞ୍ଚାୟତରେ ହିତାଧିକରିଙ୍କୁ ଏଥିରୁ ବଞ୍ଚିତ କରାଯାଇଛି । ଏ ନେଇ ହିତାଧିକାରୀ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କେହି ଶୁଣି ନଥିଲେ ଶେଷରେ ବାଧ ହୋଇ ୬ଖଣ୍ଡ ଗାଁ ର ହିତାଧିକାରୀ ମାନେ ସୋମବାର ଦିନ ପାଞ୍ଚୟତ କାର୍ଯ୍ୟାଳୟରେ ତାଲାପକାଇ ଦେଇ ଥିଲେ । ଏହାପରେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ହିତାଧିକାରୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ସବୁ ଅସୁବିଧାର ମୂଳ କାରଣ କାଶୀପୁର ବ୍ଲକର ପ୍ରଶାସନର ଅବହେଳା ଯୋଗୁଁ ସାଧାରଣ ଜନତା ନାହିଁ ନଥିବା ଅସୁବିଧା ଭୋଗିବାକୁ ପଡୁଛି । ଯେକୌଣସି ପ୍ରଶ୍ନର ଉତ୍ତର ପଚାରି ଗଲେ ବିଡ଼ିଓ ମହୋଦୟ ମୁଁ କିଛି ଜାଣି ନାହିଁ ବୋଲି କୁହନ୍ତି ତାହା ଏବେ ସାଧାରଣ ଲୋକଙ୍କ ମନରେ ପ୍ରଶ୍ନ ଉଠୁଛି ଏସବୁ ପାଇଁ ବିଡିଓ ହିଁ ଦାୟୀ ବୋଲି । ୬ଖଣ୍ଡ ଗ୍ରାମବାସୀ କହିଛନ୍ତି ଏହାର ସ୍ଥାୟୀ ସମାଧାନ ତୁରନ୍ତ କରା ନଗଲେ ଆଗାମୀ ଦିନରେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ଓ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

କଳା ପ୍ରଦର୍ଶନକୁ ଅନୁମତି ଦାବିରେ ପଥପ୍ରାନ୍ତ ନାଟକ ମହାସଂଘର ନିଆରା ବିକ୍ଷୋଭ

ଭୁବନେଶ୍ୱର,୧୮।୧୧ (ନି.ପ୍ର): କଳା ପ୍ରଦର୍ଶନ କରି ପେଟ ପୋଷିବାକୁ ସୁଯୋଗ ଦେବା ଦାବିରେ ରାଜଧାନୀ ରାଜରାସ୍ତାକୁ ଓହ୍ଲାଇଛି ପଥପ୍ରାନ୍ତ ନାଟକ ମହାସଂଘ । ନିଆରା ଢଙ୍ଗରେ ଶତାଧିକ କଳାକାର ଭିନ୍ନ ଭିନ୍ନ ଚରିତ୍ରରେ ସଜ୍ଜିତ ହୋଇ ନିଜ ପେଟପାଟଣା ପାଇଁ ସରକାରଙ୍କ ନିକଟରେ ଅଭିନବ ଉପାୟରେ ଦାବି ଉପସ୍ଥାପନ କରିଛନ୍ତି । ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପ ଛକରୁ ସଙ୍ଗୀତ ମହାବିଦ୍ୟାଳୟ ପର୍ଯ୍ୟନ୍ତ କଳାକାର ମାନେ ପ୍ଲାକାର୍ଡ ଧରି ନୀରବ ପ୍ରତିବାଦ କରିଥିଲେ । ଏଥିରେ ୫୦ରୁ ଅଧିକ ପଥପ୍ରାନ୍ତ ନାଟକ ଦଳ ସାମିଲ ହୋଇଥିଲେ । ଆଗାମୀ ୧୫ ଦିନ ଭିତରେ ପଥପ୍ରାନ୍ତ ନାଟକ କରିବାକୁ ସୁଯୋଗ ଦିଆନଗଲେ, ରାଜ୍ୟର ବିଭିନ୍ନ ଜିଲ୍ଲାରେ ସଂଘ ବିକ୍ଷୋଭ କରିବ ବୋଲି ଚେତାବନୀ ଦେଇଛି । ଉଲ୍ଲେଖ୍ୟଯୋଗ୍ୟ କରୋନା ଯୋଗୁଁ ଦୀର୍ଘ ୮ ମାସ ଧରି କଳାକାରମାନେ ରୋଜଗାର ହରାଇଛନ୍ତି । ଜୀବନ ଜୀବିକା ଉଜୁଡ଼ି ଯାଇଛି ।

ମୟୂରଭଂଜ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ

ବାରିପଦା,୧୮।୧୧ (ନି.ପ୍ର): ମୟୂରଭଂଜ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ-୨୦୨୦ ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ତା ୧୬/୧୧/୨୦୨୦ରିଖରେ ପାଳିତ ହୋଇ ଯାଇଅଛି । ଏହି ଉପଲକ୍ଷେ ୱେବିନାର ଗୁଗୁଲ୍ ମିଟ୍ ଜରିଆରେ ଜିଲ୍ଲାର ଗଣ ମାଧ୍ୟମ ପ୍ରତିନିଧି ମାନଙ୍କୁ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ଜାତୀୟ ପ୍ରେସ୍ ପରିଷଦ ପକ୍ଷରୁ ଚଳିତ ବର୍ଷ ଜାତୀୟ ପ୍ରେସ୍ ଦିବସ ପାଳନ ପରିପ୍ରେକ୍ଷିରେ ପ୍ରଦତ୍ତ ବିଷୟ ଜକ୍ଟକ୍ଷର କ୍ଟଲ ଗରୟସବ ୟଙ୍କକ୍ସ-ସଭଶ ଉକ୍ଟଙ୍ଗସୟ-୧୯ ଚବଭ-ୟରଙ୍କସମ ବଭୟ ସପ୍ତପ୍ପ ସଙ୍କ-କ୍ତବମପ୍ପ କ୍ଟଭ ଗରୟସବ କୋଭିଡ୍-୧୯ ମହାମାରୀ ସମୟରେ ଗଣ ମାଧ୍ୟମର ଭୂମିକା ଏବଂ ଗଣ ମାଧ୍ୟମ ଉପରେ ଏହାର ପ୍ରଭାବ ଶିର୍ଷକ ଉପରେ ଏକ ଆଲୋଚନା ସଭା ମୟୂରଭଂଜ ଜିଲ୍ଲାପାଳ ବିନୀତ୍ ଭରଦ୍ୱାଜ୍, ଭା.ପ୍ର.ସେ.ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ୱେବିନାର୍ ଜରିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ୍ ଜିଲ୍ଲାର କାର୍ଯ୍ୟରତ ସମସ୍ତ ଗଣ ମାଧ୍ୟମ ପ୍ରତିନିଧି ମାନଙ୍କୁ ଶୁଭେଚ୍ଛା ଜଣାଇ କହିଲେ ଯେ, ଜନସଚେତନତା ଜାଗ୍ରତ କରିବାରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଗଣମାଧ୍ୟମର ପ୍ରତିନିଧିମାନେ ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ ସମନ୍ୟୟ ରକ୍ଷା କରିବା ଦିଗରେ ସମ୍ବାଦ ପରିବେଶଣରେ ଅନେକ ଚ୍ୟାଲେଜ ସମ୍ମୁଖୀନ ହୋଇଥାନ୍ତି । ତେବେ ସମାଜର ସାମୁହିକ ହିତ ସାଧନପାଇଁ ସଠିକ୍ ତଥା ଗଠନ ମୂଳକ ସମ୍ବାଦ ପରିବେଶଣ କ୍ଷେତ୍ରରେ ଗଣ ମାଧ୍ୟମର ପ୍ରତିନିଧି ମାନଙ୍କର ଦାୟୀତ୍ୱପୂର୍ଣ୍ଣଭୂମିକାକୁ ପ୍ରଶଂସା କରି କରିବା ସହ ଚଳିତ ବର୍ଷ କୋଭିଡ୍-୧୯ ମହାମାରୀ ସମୟରେ ଜିଲ୍ଲାର ଗଣ ମାଧ୍ୟମ ପ୍ରତିନିଧି ମାନେ ତତ୍ପରତାର ସହିତ୍ ଗଣ ମାଧ୍ୟମରେ ଖବର ପ୍ରକାଶ କରି ଜନ ସଚେତନତା ସୃଷ୍ଟି କରିବାରେ ପ୍ରଶାସନକୁ ସହଯୋଗ କରିଥିବାରୁ ଜିଲ୍ଲାପାଳ ସାଧୁବାଦ ଜଣାଇଥିଲେ । ଏହି ୱେବିନାର ଆଲୋଚନା ସଭାରେ ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ ରଷାୟନ ବିଭାଗର ପ୍ରୋଫେସର୍ ପ୍ରମୋଦ କୁମାର ଶତପଥୀ ସ୍ୱତନ୍ତ୍ର ବକ୍ତା ଭାବେ ଯୋଗଦେଇ ଜାତୀୟ ପ୍ରେସ୍ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ ପୂର୍ବକ ପ୍ରେସ୍ କାଉନସିଲିଂ ଅଫ୍ ଇଣ୍ଡିଆ କାର୍ଯ୍ୟ ପରିସରରେ ସମ୍ପ୍ରତିକ ଗଣ ମାଧ୍ୟମ ସଂଗଠନ, ସମ୍ବାଦ ସରବରାହ ସଂସ୍ଥା ତଥା ବିଭିନ୍ନ ଗଣମାଧ୍ୟମରେ କାର୍ଯ୍ୟରତ ସାମାଜିକ ସମ୍ବାଦ ସଂଗ୍ରହ ଓ ପରିବେଶଣରେ ନିରପେକ୍ଷତା ରକ୍ଷା କରି ନିଜର ଦାୟୀତ୍ୱ ଓ କର୍ତ୍ତବ୍ୟ ସମ୍ପାଦନ କରି ସଠିକ୍ ଖବର ପରିବେଶଣ ଦ୍ୱାରା ସମାଜର ଗଠନ ମୂଳକ ହୀତ ସାଧନ ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଅତିଥି ବକ୍ତା ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ମୟୂରଭ ସୁଦାମ ଚରଣ ସାହୁ, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ (କୋଭିଡ୍-୧୯) ଜିଲ୍ଲା ନୋଡାଲ୍ ଅଧିକାରୀ, ଡାକ୍ତର ଜ୍ଞାନ ରନ ମହାନ୍ତି, ବାରିପଦା ଆକାଶବାଣୀ କେନ୍ଦ୍ରର ଭାରପ୍ରାପ୍ତ ନିର୍ଦ୍ଦେଶକ, ନାଗଭୂଷଣ ମାଝୀ, ଭାରତ ସରକାରଙ୍କ (ସୂଚନା ଓ ପ୍ରସାରଣ) ଜିଲ୍ଲା କ୍ଷେତ୍ର ପ୍ରଚାର ଅଧିକାରୀ କେନ୍ଦୁଝର, ଜୀବନ କୁମାର ସାମନ୍ତସିଂହାର ପ୍ରମୁଖ ଏହି ୱେବିନାର ଆଲୋଚନାରେ ଅଂଶଗ୍ରହଣ କରି କୋଭିଡ୍-୧୯ ମହାମାରୀ ସମୟରେ ଗଣ ମାଧ୍ୟମର ଭୂମୀକା ତଥା ଦାୟୀତ୍ୱ ନିର୍ବାହରେ ଗଣ ମାଧ୍ୟମ ଉପରେ କିପରି ପ୍ରଭାବ ପଡିଛି ସେ ସମ୍ପର୍କରେ ଆଲୋଚନାରେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧି ମାନଙ୍କ ମଧ୍ୟରେ ଗୋଲକ ମହାରଣା, ରବୀନ୍ଦ୍ର ପଟ୍ଟନାୟକ, ସୁବ୍ରତ ମହାନ୍ତି, ପ୍ରମିଳା ପଣ୍ଡା, ଦିଲ୍ଲିପ କଲିଆ, ହିମାଦ୍ରୀ ପାଲ ୱେବିନାର ଜରିଆରେ ଅଂଶ ଗ୍ରହଣ କରି ଜାତୀୟ ପ୍ରେସ୍ ଦିବସର ମହତ୍ୱ ଏବଂ କୋଭିଡ୍ -୧୯ ମହାମାରୀ ସମୟରେ କାର୍ଯ୍ୟରତ ସାମ୍ବାଦିକମାନେ ନିଜର ଦାୟୀତ୍ୱ ଓ କର୍ତ୍ତବ୍ୟ ସମ୍ପାଦନ ସମ୍ପର୍କରେ ଆଲକପାତ କରିବା ସହିତ ସମ୍ମୁଖୀନ ହୋଇଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ମତ ପଷଣ କରିଥିଲେ । ଏଥି କାର୍ଯ୍ୟକ୍ରମରେ ଜିଲ୍ଲା ସଦର ମହକୁମା ବାରିପଦା ସମେତ ଉଦଳା, ରାଇରଙ୍ଗପୁର ଓ କରିଆ ଉପଖଣ୍ଡ ଏବଂ ବ୍ଲକ ସ୍ତରର ଗଣମାଧ୍ୟମ ପ୍ରତିନିଧିମାନେ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବିନ୍ଦ୍ର କୁମାର ନାୟକ ପ୍ରାରମ୍ଭରେ ଜିଲ୍ଲାର ସମସ୍ତ ଗଣ ମାଧ୍ୟମ ପ୍ରତିନିଧି ମାନଙ୍କୁ ସ୍ୱାଗତ ଜଣାଇ କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଦିବ୍ୟାଙ୍ଗ କଳାକାରମାନଙ୍କୁ ପ୍ରୋତ୍ସାହନ ରାଶି ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଭୁବନେଶ୍ୱର,୧୮।୧୧ (ନି.ପ୍ର): କରୋନା କାଳ ମଧ୍ୟରେ ଏହି ଦିବ୍ୟାଙ୍ଗ କଳାକାରମାନେ ନିଜର ବୃତି ହରାଇ ବସିବା ଫଳରେ ସେମାନଙ୍କର ଆର୍ଥିକ ମେରୁଦଣ୍ଡ ଏକ ପ୍ରକାର ଦୁର୍ବଳ ହୋଇପଡ଼ିଛି । ନିଜର ପରିବାର ପ୍ରତିପୋଷଣ ପାଇଁ ଏମାନେ ଅକ୍ଷମ । ରାଜ୍ୟ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଉଥିବା ଦିବ୍ୟାଙ୍ଗ ଭ । ୫୦୦ ଏବଂ ୭୦୦ ଟଙ୍କା ସମୁଦ୍ରକୁ ଶଙ୍ଖେ । ଏଣୁ ଦିବ୍ୟାଙ୍ଗ କଳାକାରମାନଙ୍କୁ ସ୍ୱତନ୍ତ୍ର ପ୍ରୋତ୍ସାହନ ରାଶି ଯୋଗାଇ ଦେବା ସହିତ କରୋନା ସମସ୍ୟାରୁ ମୁକ୍ତି ପାଇବା ପାଇଁ ଦିବ୍ୟାଙ୍ଗ କଳାକାର ମାନଙ୍କୁ ମଂଚ ପରିବେଷଣ କରିବା ପାଇଁ ଅନୁମତି ପ୍ରଦାନ କରିବା, ଖେଳାଳୀମାନଙ୍କୁ ଯେପରି ସ୍ୱତନ୍ତ୍ର କୋଟାରେ ନିଯୁକ୍ତି ପ୍ରଦାନ କରୁଛନ୍ତି ସେହ ଆଧାରରେ ଦିବ୍ୟାଙ୍ଗ କଳାକାରମାନଙ୍କୁ ଯୋଗ୍ୟତା ଭିତିରେ ସ୍ୱତନ୍ତ୍ର କୋଟାରେ ନିଯୁକ୍ତି ଦିଆଯାଉ ଏବଂ କଳାକାର ଭତା ବୟସସୀମା ୫୦ ବର୍ଷ ଦିବ୍ୟାଙ୍ଗମାନଙ୍କ ପାଇଁ ଅସମ୍ଭବ । ତେଣୁ ଦିବ୍ୟାଙ୍ଗ ମାନଙ୍କ ପ୍ରତି କୌଣସି ବୟସସୀମା ନ ରଖାଯାଇ ସେମାନଙ୍କୁ କଳାକାର ଭତା ଯୋଗାଇ ଦେବା ପାଇଁ ସଂଘ ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି । ଆଜିର ଏହି କାର୍ଯ୍ୟକ୍ରମରେ ହରିହର ଆର୍ଟ ଆଣ୍ଡ କଲ୍‌ଚର ଏକାଡ଼େମୀର ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ନୃତ୍ୟଗୁରୁ ହରିହର ଦେଓ, ନୃତ୍ୟଗୁରୁ ନିତ୍ୟାନନ୍ଦ ଦାସ, କଳାକାର ପ୍ରଶାନ୍ତ କୁମାର ରାଉତ, ଆଲବମ୍ ଗାୟକ ବି ଶ୍ରୀନିବାସ ରାଓ, ରଣଜିତ ପ୍ରଧାନ, ସୁନା ପୃଷ୍ଟି, ପିଂଟୁ ପରିଡ଼ା ଓ ଅନ୍ୟାନ୍ୟ ଦିବ୍ୟାଙ୍ଗ କଳାକାରମାନେ ପ୍ରମୁଖ ଉପସ୍ଥିତ ଥିଲେ ।

ନୂତନ ଜିଲ୍ଲା ଶିକ୍ଷାଧିକାରୀ ଓ ପଦୋନ୍ନତ ପ୍ରଧାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ଭଦ୍ରକ,୧୮।୧୧ (ନି.ପ୍ର): ନୂତନ ପେନ୍‌ସନ ଯୋଜନାଭୁକ୍ତ ଶିକ୍ଷକ ସଂଘ ଭଦ୍ରକ ଶାଖା ଆନୁକୂଲ୍ୟରେ ଏନ୍.ପି.ଏସ୍, ବର୍ଗରୁ ପଦୋନ୍ନତି ପାଇଥିବା ପ୍ରଧାନ ଶିକ୍ଷକଙ୍କୁ ଆଜି ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଜିଲ୍ଲାରେ ନୂତନ ଭାବେ ଯୋଗଦାନ କରିଥିବା ଜିଲ୍ଲା ଶିକ୍ଷାଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଆଜି ସଂଘ କାର୍ଯ୍ୟାଳୟରେ ସଭାପତି ଜିତେନ୍ଦ୍ର କୁମାର ନାୟକଙ୍କ ପୌରୋହିତ୍ୟରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ମୁଖ୍ୟଅତିଥି ଭରୂପେ ରାଜ୍ୟସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ଆଏଚ, କେନ୍ଦୁଝର ଜିଲ୍ଲା ଶିକ୍ଷକ ନେତା ମୃତ୍ୟୁଞ୍ଜୟ ପଲାଇ ଓ ଯାଜପୁର ଜିଲ୍ଲାର ଶିକ୍ଷକ ନେତା ରାଜେନ୍ଦ୍ର ଶତପଥି ଅତିଥି ଭାବେ ଯୋଗ ଦେଇଥିଲେ । ସଭାରେ ଶିକ୍ଷକମାନଙ୍କ ସମସ୍ୟା, ରାଜ୍ୟର ଶିକ୍ଷାନୀତି ଏବଂ କୋବିଡ୍ ସମୟରେ ଶିକ୍ଷକମାନଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା । ସଂଘର ଏଭଳି ପଦକ୍ଷେପକୁ ଅତିଥିମାନେ ପ୍ରଶଂସା କରିବା ସହ ସମ୍ବର୍ଦ୍ଧନା ସମସ୍ତଙ୍କ ପାଇଁ ଏକ ପ୍ରେରଣା ବୋଲି କହିଥିଲେ । ଏହି ଅବସରରେ ୧୪ଜଣ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ରାଜ୍ୟ ନେତୃମଣ୍ଡଳୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ସଭା ପ୍ରାରମ୍ଭରେ ସାଧାରଣ ସମ୍ପାଦକ ପ୍ରକାଶ କୁମାର ଜେନା ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଗଦାଧର ନାୟକ ବେଦପାଠ କରିଥିଲେ । ପ୍ରିୟଦର୍ଶୀ କୁଅଁର ଅତିଥି ପରିଚୟ ପ୍ରଦାନ କରିଥିଲେ । ଉକ୍ତ ସଭାକୁ ଜିତେନ୍ଦ୍ର କୁମାର ସାହୁ, ନିତ୍ୟାନନ୍ଦ ମଲ୍ଲିକ, ଡମ୍ବରୁଧର ବାରିକ, ପୂର୍ଣ୍ଣଚନ୍ଦ୍ର ବରାଳ, ଶେଖର ଚନ୍ଦ୍ର ଯେନା, ରାଧାମାଧବ ବାରିକ, ବିଶ୍ୱରଂଜନ ଦାଶ ପ୍ରମୁଖ ପରିଚାଳନା କରିଥିଲେ । କାର୍ଯ୍ୟକାରୀ ସଭାପତି ବିଜୟ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ସଭା ଆରମ୍ଭ ପୂର୍ବରୁ ସମସ୍ତ କର୍ମକର୍ତ୍ତାମାନେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ନୂତନ ଭାବେ ଯୋଗଦାନ କରିଥିବା ଜିଲ୍ଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ରଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରିବା ସହ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

ଟୀକା ପ୍ରଦାନରେ ସ୍ୱାସ୍ଥ୍ୟ...

ସଂକ୍ରମଣ ନିୟନ୍ତ୍ରଣ ପାଇଁ କରାଯାଇଥିବା ବ୍ୟବସ୍ଥା ଏବଂ ଜୀବନଜୀବିକା ସଂପର୍କରେ ନିଆଯାଇଥିବା ପଦକ୍ଷେପ ସଂପର୍କରେ ମୁଖ୍ୟମନ୍ତ୍ରୀ ଙ୍କ ବିସ୍ତୃତ ଭାବରେ ଅବଗତ କରାଇଥିଲେ । ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ପ୍ରଦୀପ କୁମାର ମହାପାତ୍ର ଶୃଙ୍ଖଳିତ ଟୀକାକରଣ ପାଇଁ ନିଆଯାଇଥିବା ପଦକ୍ଷେପ ସଂପର୍କରେ ଉପସ୍ଥାପନା କରିଥିଲେ । କୃଷି ଉତ୍ପାଦନ କମିଶନର ଶ୍ରୀ ରାଜକୁମାର ଶର୍ମା ରବି ଚାଷ ତଥା ଜୀବିକା ସହାୟତାରେ ଦିଆଯାଇଥିବା ମାଛ, କୁକୁଡା ଚାଷ ଆଦି ବିଷୟରେ ଉପସ୍ଥାପନ ଦେଇଥିଲେ । ମାଛ ତଥା ଅନ୍ୟାନ୍ୟ ଆନୁଷଂଗିକ ଚାଷ କ୍ଷେତ୍ରରେ ସବସିଡି ପାଇବାରେ ଯେପରି ହିତାଧିକାରୀମାନେ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେଥିପ୍ରତି ସତର୍କ ଦୃଷ୍ଟି ରଖିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ସମବାୟ ସଚିବ ଶ୍ରୀ ସତ୍ୟବ୍ରତ ସାହୁ ଖରିଫ ଧାନ ସଂଗ୍ରହ ସଂପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ଏ ବର୍ଷ ରାଜ୍ୟରେ ପ୍ରଚୁର ଫସଲ ହୋଇଥିବାରୁ ଅନ୍ୟ ରାଜ୍ୟର ଅସାଧୁ ବ୍ୟାବସାୟୀମାନେ ଯେପରି ସଂଗ୍ରହ କାର୍ଯ୍ୟରେ ଫାଇଦା ନ ନିଅନ୍ତି, ସେଥିପ୍ରତି ସଜାଗ ରହିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଉନ୍ନୟନ କମିଶନର, ପୋଲିସ ମହାନିର୍ଦ୍ଦେଶକ, ସ୍ୱତନ୍ତ୍ର ରିଲିଫ କମିଶନର ଓ ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଅଂଶଗ୍ରହଣ କରିଥିଲେ ।

ବିଧାନସଭା ଅଧିବେଶନ...

ଲୋକସେବା ଭବନର ସମ୍ମିଳନୀ କକ୍ଷ, ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟରେ ଅବସ୍ଥିତ ଭିଡ଼ିଓ କନ୍ ଫରେନ୍ସ ହଲ୍‌ରେ ରହି ମଧ୍ୟ ବିଧାନସଭାର ଅଲୋଚନାରେ ଭାଗ ନେଇପାରିବେ । ଗତ ଅଧିବେଶନ ଭଳି ଚଳିତ ଅଧିବେଶନରେ ମଧ୍ୟ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସ୍ୱତନ୍ତ୍ର ପାସ୍ ପ୍ରଦାନ କରାଯିବ । ବିଧାୟକମାନଙ୍କ ଦ୍ୱାରା ପ୍ରାଧିକୃତ ବିନା ଅନ୍ୟ କୌଣସି ଗଣମାଧ୍ୟମ ପ୍ରତିନିଧିଙ୍କୁ ଲବି ପାସ୍ ପ୍ରଦାନ କରାଯିବ ନାହିଁ । ବିଧାନସଭା ଅଧିବେଶନ ସମାପ୍ତ ପରଦିନ ପୁଣି ସମସ୍ତ ବିଧାୟକ ଏବଂ ଅନ୍ୟ ସପୋର୍ଟ ଷ୍ଟାଫ୍ ଙ୍କର କରୋନା ଟେଷ୍ଟ କରାଯିବ । କରୋନାର ଭୟାବହତାକୁ ଦୃଷ୍ଟିରେ ରଖି ଏବଂ ଶୀତଦିନରେ ଏହା ଅଧିକ ସଂକ୍ରମିତ ହେବାର ଆଶଙ୍କା ଥିବାରୁ ବିଧାନସଭା ଅଧିବେଶନ କାଳରେ ସମସ୍ତ ପ୍ରକାର ପ୍ରତିଷେଧମୂଳକ ବ୍ୟବସ୍ଥା ଗ୍ରହଣ କରାଯାଉଥିବା ବାଚସ୍ପତି ଡ. ପାତ୍ର ବୈଠକ ପରେ ସୂଚନା ଦେଇଥିଲେ । ସମସ୍ତ ମନ୍ତ୍ରୀ, ବିଧାୟକ, ଓଡ଼ିଶା ବିଧାନସଭା ସଚିବାଳୟର କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ଏବଂ ସପୋର୍ଟ ଷ୍ଟାଫଙ୍କ କରୋନା ଟେଷ୍ଟ କରାଯାଉଛି ଏବଂ ନେଗେଟିଭ୍ ବାହାରିଲେ ହିଁ ସେମାନଙ୍କୁ ଗୃହ ଭିତରକୁ ଆସିବାକୁ ଅନୁମତି ପ୍ରଦାନ କରାଯିବ । ସାମାଜିକ ଦୂରତ୍ୱ ନିୟମ ମାନିବା ପାଇଁ ଅଧିବେଶନ ସମୟରେ ପ୍ରତ୍ୟେକ ବିଧାୟକଙ୍କ ପାଇଁ ସ୍ୱତନ୍ତ୍ର ଆସନ ବ୍ୟବସ୍ଥା ଗ୍ରହଣ କରାଯାଇଛି । ୪ ଫୁଟ

ଗୁରୁବାର, ୧୯ ନଭେମ୍ବର ୨୦୨୦

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ଲେଖାଶ୍ରୀ , ସମ୍ବିତ ପାତ୍ରଙ୍କ କୁଶପୁତ୍ତଳିକା ଦାହ କଲା କଂଗ୍ରେସ

ଭୁବନେଶ୍ୱର,୧୮।୧୧ (ନି.ପ୍ର): ବିଜେପି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ଶ୍ରୀ ଜଗନ୍ନାଥଙ୍କ ସମ୍ମାନ କ୍ଷୁର୍ଣ୍ଣ କରିଥିବା ପ୍ରତିବାଦରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଲେଖାଶ୍ରୀ ଓ ସମ୍ବିତ ପାତ୍ରଙ୍କର କୁଶପୁତଳିକା ଦାହ କରାଯାଇଥିଲା। ପରେଏକ ପ୍ରତିନିଧି ଦଳ ଶ୍ରୀମତୀ ସାମନ୍ତସିଂହାରଙ୍କ ବିରୁଦ୍ଧରେ ତୁରନ୍ତ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ତାଙ୍କୁ ଗିରଫ କରିବା ପାଇଁ କ୍ୟାପିଟାଲ ଥାନାରେ ମାମଲା ରୁଜୁ କରିଥିଲେ। ବୁଧବାର ଦିନ ମଧ୍ୟ ଭୁବନେଶ୍ୱର ବିଧାନସଭା ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ଶ୍ରୀ ରାଜୀବ ପଟ୍ଟନାୟକଙ୍କ ନେତୃତ୍ୱରେ କଂଗ୍ରେସ ଭବନ ଠାରୁ ଏକ ବିକ୍ଷୋଭ ରାଲି ବାହାରି ମାଷ୍ଟରକ୍ୟାଂଟିନ୍ ଛକ ଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ଏହି ପରିପ୍ରେକ୍ଷୀରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ବିଜେପି ନେତ୍ରୀ ଶ୍ରୀମତୀ ଲେଖାଶ୍ରୀ ସାମନ୍ତସିଂହାର ଜଗତରନାଥ ଜଗନ୍ନାଥଙ୍କ ଉପରେ ଯେଉଁ ଟିପ୍‌ଣୀ ଦେଇଛନ୍ତି ତାହା କେବଳ ଓଡିଶା ନୁହେଁ ସାରା ଦେଶ ଏବଂ ବିଶ୍ୱର ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ ଆଘାତ ଦେଇଛି। ସାରା ବିଶ୍ୱର ଲୋକ ଜାଣିଛନ୍ତି ଜଗନ୍ନାଥ ମନ୍ଦିର ପୁରୀରେ ଏବଂ ରଥଯାତ୍ରା ଆମେରିକା, ଇଂଲଣ୍ଡ, ଜାପାନ, ଜର୍ମାଣ, ଫ୍ରାନ୍ସ ପ୍ରଭୃତି ଦେଶରେ ପାଳନ କରାଯାଉଛି। ସାରା ବିଶ୍ୱର ଜଗନ୍ନାଥ ପ୍ରେମୀ ମଧ୍ୟ ପୁରୀ ଆସିଥାନ୍ତି। ବର୍ଷସାରା ପଶ୍ଚିମବଙ୍ଗର ଲକ୍ଷ ଲକ୍ଷ ଲୋକ ଜଗନ୍ନାଥ ଦର୍ଶନ ପାଇଁ ପୁରୀ ଆସିଥାନ୍ତି। ଏପରି ସ୍ଥଳେ ପୁରୀ ମନ୍ଦିର କଲିକତାରେ ବୋଲି ସାଧାରଣ ଲୋକଙ୍କର ଧାରଣା କହି ଶ୍ରୀମତୀ ସାମନ୍ତସିଂହାର ଓଡିଶାରେ ଧର୍ମୀୟ ଭାବନାକୁ ନେଇ ଏକ ଅସ୍ଥିରତା ସୃଷ୍ଟି କରିବା ପାଇଁ ଷଡଯନ୍ତ୍ର କରୁଥିଲେ। ତାଙ୍କ ବକ୍ତବ୍ୟରେ ସେ ପ୍ରମାଣ କରିବାକୁ ଚାହୁଁଥିଲେ ଯେ ଜଗତରନାଥ ଜଗନ୍ନାଥଙ୍କ ଠାରୁ ସମ୍ବିତ ପାତ୍ର ବଡ। ଏହାକୁ କଂଗ୍ରେସ ଦୃଢ଼ ନିନ୍ଦା କରୁଛି। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ୍ ଦାସ, ରଶ୍ମି ମହାପାତ୍ର, ୟାସିର ନୱାଜ, ରଂଜିତ୍ ପାତ୍ର, ସ୍ୱାଗତ କର, ସୌମେନ୍ଦ୍ର ମହାନ୍ତି, ମନୋଜ ସାହୁ, କାର୍ତିକ କାଣ୍ଡି ପ୍ରମୁଖ ଅଂଶଗ୍ରହଣ କରିଥିଲେ।

ନଭେମ୍ବର ୨୧ରୁ ଅନଲାଇନ୍‌ରେ ମିଡ଼ିଆ ମହାକୁମ୍ଭ

୧୦୦ରୁ ଅଧିକ ଗବେଷଣାତ୍ମକ ସଂର୍ଦ୍ଧଭ ପାଠ

ଭୁବନେଶ୍ୱର,୧୮।୧୧ (ନି.ପ୍ର): ପୂର୍ବତନ ମୁଖ୍ୟମନ୍ତ୍ରୀ ଡଃ ହରେକୃଷ୍ଣ ମହତାବଙ୍କ ୧୨୧ତମ ଜନ୍ମବାର୍ଷିକ ଉପଲକ୍ଷେ ମିଡ଼ିଆ ମହାକୁମ୍ଭର ଚତୁର୍ଥ ସଂସ୍କରଣ ଆସନ୍ତା ୨୧ ନଭେମ୍ବର ଠାରୁ ଦୁଇ ଦିନିଆ ଜାତୀୟ ଗଣମାଧ୍ୟମ ମହାସମ୍ମିଳନୀ ଅନ୍‌ଲାଇନ୍‌ରେ ଉଦଘାଟିତ ହେବ। ଏହାକୁ କେନ୍ଦ୍ରମନ୍ତ୍ରୀ ପେଟ୍ରୋଲିୟମ୍ ଓ ପ୍ରାକୃତିକ ଇନ୍ଧନ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ଥିବା ବେଳେ ଏହି ଉତ୍ସବରେ ଲୋକସଭା ସାଂସଦ ଏବଂ ପ୍ରଜାତନ୍ତ୍ରର ସମ୍ପାଦକ ଭର୍ତ୍ତୃହରି ମହତାବ, ସି.ଇ.ସି. ର ନିର୍ଦ୍ଦେଶକ ପ୍ରଫେସର ଜଗତଭୂଷଣ ନଡ୍ଡା, ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକ, ଏମ.ଜି.ଏମ ବିଶ୍ୱବିଦ୍ୟାଳୟର କୁଳପତି ସୁଧିର ଗାଭାନେ, ହରିଦେବ ଯୋଶୀ ସାମ୍ବାଦିକ ଓ ଗଣମାଧ୍ୟମ ବିଶ୍ୱବିଦ୍ୟାଳୟ, ଜୟପୁରର କୁଳପତି ପ୍ରଫେସର୍ ଓମ୍ ପ୍ରକାଶ ତାନ୍‌ଭି, କୁସଭାଉ ଥାକ୍‌ରେ ସାମ୍ବାଦିକ ଓ ଗଣମାଧ୍ୟମ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର୍ ବଳଦେବ ଶର୍ମା, ତେଜପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ସୁନିଲ କାନ୍ତ ବେହେରା ଏବଂ ଆଦାମସ ବିଶ୍ୱବିଦ୍ୟାଳୟର ପ୍ରଫେସର ଉତ୍ପଳ ଚୌଧୁରୀ ଅଂଶଗ୍ରହଣ କରିବେ। ବିଭିନ ଅଧିବେଶନରେ ଲିଙ୍ଗଗତ ସମାନତା ଓ ଗଣମାଧ୍ୟମର ଭୂମିକା, ବୈଷୟିକ ଯୋଗାଯୋଗ, ସାମାଜିକ ପରିବର୍ତନ ଓ ସ୍ଥାୟୀ ବିକାଶମୁଖୀ ଲକ୍ଷ୍ୟ ଆଦି ବିଷୟବସ୍ତୁ ଉପରେ ଆଲୋଚନା ଅନୁଷ୍ଠିତ ହେବ। ଏହି ଦୁଇଦିନିଆ ସମ୍ମିଳନୀଟି ଫେସ୍‌ବୁକ୍ (ସଭଞ୍ଜମ୨୦୨୦)ଏବଂ ୟୁଟ୍ୟୁବ୍ (ସଞ୍ଜଶ୍ମକ୍ଷୟସଷଶ୍ମବ) ରେ ସିଧାପ୍ରସାରଣ ହେବ। ଇନିଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଷ୍ଟଡିଜ୍ (ଆଇ.ଏମ.ଏସ୍) ଦ୍ୱାରା ଏହି ମହାସମ୍ମିଳନୀ କରୋନା କଟକଣାକୁ ଆଖି ଆଗରେ ରଖି ଏହି ସମ୍ମିଳନୀ ଅନଲାଇନ୍‌ରେ ଅନୁଷ୍ଠିତ ହେବ। ଦେଶ ଓ ବିଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ପ୍ରାୟ ୮୦୦ ରୁ ଅଧିକ ଗବେଷକ, ବିଦ୍ୟାର୍ଥୀ, ବୁଦ୍ଧିଜୀବି ଏବଂ ରାଜ୍ୟର ବହୁ ସାମ୍ବାଦିକ ଓ ଗଣମାଧ୍ୟମ ଛାତ୍ରଛାତ୍ରୀ ଏହି ସମ୍ମିଳନୀରେ ଅଂଶଗ୍ରହଣ କରିବେ। ଏବର୍ଷ ସମ୍ମିଳନୀର ଶୀର୍ଷକ "ସାମାଜିକ ପରିବର୍ତନ ପାଇଁ ଯୋଗାଯୋଗ" ଥିବାବେଳେ, ଏଥିରେ ୧୦୦ରୁ ଉର୍ଦ୍ଧ୍ୱ ବିଶେଷଜ୍ଞ ସେମାନଙ୍କର ଗବେଷଣାତ୍ମକ ସନ୍ଦର୍ଭ ୪ଟି ବୈଷୟିକ କର୍ମଶାଳାରେ ଉପସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି। ଡ଼ିଜିଟାଲ ଯୁଗରେ, କମ୍ପୁଟର, ମୋବାଇଲ, ଲାପ୍‌ଟପ୍ ଆଦି ବୈଷୟିକ ଯନ୍ତ୍ରପାତିର ସମାଜ ଉପରେ ପ୍ରଭାବ ଇତ୍ୟାଦି ସମ୍ମିଳନୀର ଅଧ୍ୟକ୍ଷ ଏବଂ ଆଇ.ଏମ୍.ଏସ୍.ର ନିର୍ଦ୍ଦେଶକ ପ୍ରଫେସର ଉପେନ୍ଦ୍ର ପାଢୀ ସୂଚନା ଦେଇଛନ୍ତି।

ନାମଲେଖା ଚାଲିଛି

"ସା ବିଦ୍ୟା ଯା ବିମୁକ୍ତୟେ"

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର

ମାତୃ ବିହାର, ମାନସିଂବଜାର, ବାଲେଶ୍ୱର

R.T.E. Act ଅନୁସାରେ ସମାଜରେ ଆର୍ଥିକ ଅନଗ୍ରସର, ଅବହେଳିତ ଓ ଗରିବ ପିଲାମାନଙ୍କ ପାଇଁ ୨୫% ନିଶୁଳ୍କ ଶିକ୍ଷାଦାନ ବ୍ୟବସ୍ଥା ରହିଛି।

ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରିତ ଶିକ୍ଷାନୁଷ୍ଠାନ

ଯୋଗାଯୋଗ : ୮୨୮୦୧୫୯୬୩୫ / ୯୪୩୯୧୯୦୯୫୦

୫ମ ଦିନରେ ମା' ଭଦ୍ରକାଳୀଙ୍କ ଜଗଦ୍ଧାତ୍ରୀ ବେଶ



ଭଦ୍ରକ,୧୮।୧୧ (ନି.ପ୍ର): ମା' ଭଦ୍ରକାଳୀଙ୍କ ସପ୍ତମାତୃକା ବେଶର ପଞ୍ଚମ ଦିନରେ ଆଜି ମା'ଙ୍କର ଜଗଦ୍ଧାତ୍ରୀ ବେଶ ଅନୁଷ୍ଠିତ ହୋଇଥିଲା। ଜଗଦ୍ଧାତ୍ରୀ ବେଶରେ ମା'ଙ୍କର ଆଜି ବାଘ ବାହନ ଥିବା ବେଳେ ମୁଖ ମଣ୍ଡଳ କୃଷ୍ଣ ବର୍ଣ୍ଣ ଥିଲା। ମା' ନାଲି ପାଟ ବସ୍ତ୍ର ପରିଧାନ କରିଥିବା ବେଳେ ସ୍ୱର୍ଣ୍ଣ ରୌପ୍ୟ ଅଳଙ୍କାରରେ ଭୂଷିତ ହୋଇଛନ୍ତି। ମା' ହସ୍ତରେ ଶଙ୍ଖ, ଚକ୍ର, ଗଦା,ଖଡ୍‌ଗ ଧାରଣ କରି ଚତୁର୍ଦ୍ଧାମୂର୍ତ୍ତିରେ ପ୍ରକଟ ହୋଇଛନ୍ତି। ଜଗଦ୍ଧାତ୍ରୀ ବେଶରେ ମା'ଙ୍କୁ ଦର୍ଶନ କଲେ ଭକ୍ତର ମାନସିକ ପୂରଣ ହୁଏ ବୋଲି ଦୃଢ଼ ବିଶ୍ୱାସ ରହିଛି। ମାତ୍ର କୋବିଡ଼ କଟକଣା ଯୋଗୁ ଚଳିତବର୍ଷ ଭକ୍ତମାନେ ଏହି ସୁଯୋଗରୁ ବଞ୍ଚିତ ହୋଇଛନ୍ତି। ଆଦ୍ୟାଶକ୍ତି ମା' ଭଦ୍ରକାଳୀ ସୃଷ୍ଟିର ସମସ୍ତ ଶକ୍ତିର ଅଧିକାରିଣୀ ଜଗତର ପାଳନ କର୍ତ୍ତ୍ରୀ। ସମସ୍ତ ଜୀବ ଜଗତ, ପ୍ରାଣୀ ଜଗତ ତଥା ଉଦ୍ଭିଦ ଜଗତ, ଜଳ, ସ୍ଥଳ ସର୍ବତ୍ର ତାଙ୍କର ସତ୍ତା ଉପଲବ୍ଧି ହେଉଛି। ଆସନ୍ତାକାଲି ମା' ପଦ୍ମାସନା ହଂସ ବାହନରେ ମହାସରସ୍ୱତୀ ବେଶରେ ଦର୍ଶନ ଦେବେ ଏବଂ ଶୁକ୍ରବାର ଦିନ ମାଆଙ୍କର ମହାଲକ୍ଷ୍ମୀ ବେଶ ସହିତ ବିଶ୍ୱଶାନ୍ତି ମହଯଜ୍ଞର ପୂର୍ଣ୍ଣାହୁତି ଅପରାହ୍ନ ୪ଟାରୁ ଆରମ୍ଭ ହୋଇ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଚାଲିବ।

ମଣ୍ଡଳ ସ୍ତରରେ କାର୍ଯ୍ୟକର୍ତାଙ୍କୁ ପ୍ରଶିକ୍ଷିତ କରିବ ବିଜେପି

ଭୁବନେଶ୍ୱର,୧୮।୧୧ (ନି.ପ୍ର): ସଙ୍ଗଠନ ନିର୍ବାଚନ ସହ ପଦାଧିକାରୀ କାର୍ଯ୍ୟକର୍ତାଙ୍କୁ ପ୍ରଶିକ୍ଷଣ ବର୍ଗ ମାଧ୍ୟମରେ ପ୍ରଶିକ୍ଷିତ କରାଇବା ପରିପ୍ରେକ୍ଷୀରେ ଓଡିଶା ପ୍ରଦେଶ ପ୍ରଶିକ୍ଷଣ ବିଭାଗରଉ ତତ୍ୱାବଧାନରେ ରାଜ୍ୟର ସମସ୍ତ ସାଙ୍ଗଠନିକ ମଣ୍ଡଳରେ ଆସନ୍ତା ନଭେମ୍ବର ୨୦ରୁ ଡିସେମ୍ବର ୫ ମଧ୍ୟରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ କରାଯାଇ ରାଜ୍ୟର କାର୍ଯ୍ୟକର୍ତାଙ୍କୁ ପ୍ରଶିକ୍ଷିତ କରାଯିବ । ମଣ୍ଡଳ ମାନଙ୍କରେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷକ ମାନେ ପ୍ରଶିକ୍ଷଣର କାର୍ଯ୍ୟ ନିର୍ବାହ କରିବେ ।ବୁଧବାର ଜିଲ୍ଲାସ୍ତରୀୟ ବିଷୟ ପ୍ରମୁଖଙ୍କ ୩ ଦିନିଆ ପ୍ରଶିକ୍ଷଣ ବର୍ଗର ଉଦଘାଟନ ପର୍ବ ପ୍ରଦେଶ ପ୍ରଶିକ୍ଷଣ ପ୍ରମୁଖ ଶ୍ରୀମତୀ ସୁରମା ପାଢୀଙ୍କ ଅଧ୍ୟକ୍ଷତାରେ କାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୧୦ଟି ବିଷୟରେ ପ୍ରଶିକ୍ଷଣ ପୁସ୍ତିକା ନେତୃବୃନ୍ଦଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା ।

ଏହି ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇ ରାଜ୍ୟ ସଭାପତି କହିଛନ୍ତି ଯେ, ଦଳ ଗଠନ ପାଇଁ ଶୃଙ୍ଖଳା ଓ ଅନୁଶାସନ ନିହାତି ଆବଶ୍ୟକ । ବିଜେପି ଏହି କାର୍ଯ୍ୟକୁ ଗୁରୁତ୍ୱ ଦେବା ସହ ଦଳୀୟ କାର୍ଯ୍ୟକର୍ତାଙ୍କୁ ଏହି ପ୍ରସଙ୍ଗରେ ପ୍ରଶିକ୍ଷଣ ଦେଇ ଆସୁଛି। କେନ୍ଦ୍ରୀୟ ପ୍ରଶିକ୍ଷଣ ପ୍ରମୁଖ ତଥା ସାଂସଦ ଶ୍ରୀ ମହେଶ ଚନ୍ଦ୍ର ଶର୍ମା ପ୍ରଶିକ୍ଷଣ ଶିବିରର ଗୁରୁତ୍ୱ ଏବଂ ଆବଶ୍ୟକତା ପ୍ରସଙ୍ଗରେ ନିଜ ମତ ଉପସ୍ଥାପନା କରିବା ସହ ପ୍ରଶିକ୍ଷଣର ବିଷୟବସ୍ତୁ ଏବଂ ଏହାର ସଫଳ ରୂପାୟନ ସଂପର୍କରେ ଅବଗତ କରିଥିଲେ ।

ଦେଢ଼ଶୁରର ଆକ୍ରମଣ ପ୍ରତିବାଦରେ ୪ ଭାଇବୋହୂଙ୍କ ଫେରାଦ

ବାଲେଶ୍ୱର,୧୮।୧୧ (ନି.ପ୍ର): ଦେଢ଼ଶୁରର ନିର୍ଯାତନା ଓ ଆକ୍ରମଣରେ ଶିକାର ୪ ଭାଇବୋହୂ ଖନ୍ତାପଡ଼ା ଥାନାରୁ ନ୍ୟାୟ ନପାଇ ଶେଷରେ ବାଲେଶ୍ୱର ଏସପିଙ୍କଠାରେ ଫେରାଦ ହୋଇଛନ୍ତି। ଖନ୍ତାପଡ଼ା ଥାନା ଅନ୍ତର୍ଗତ ନଇଛଣପୁର ଅଞ୍ଚଳର ସନାତନ ସିଂଙ୍କ ପତ୍ନୀ ସରସ୍ୱତୀ ସିଂ, ଚକ୍ରଧର ସିଂଙ୍କ ପତ୍ନୀ ଶୁଭସ୍ମିତା ସିଂ, ମନୋରଂଜନ ସିଂଙ୍କ ପତ୍ନୀ ଫୁଲମଣି ସିଂ ଓ ବିପଦ ସିଂଙ୍କ ପତ୍ନୀ ଦେବଯାନୀ ସିଂ ଏସପିଙ୍କଠାରେ ସେମାନଙ୍କ ସମ୍ପର୍କୀୟ ଦେଢ଼ଶୁର କେପରା ସିଂଙ୍କ ପୁତ୍ର ରାଜେଶ ସିଂଙ୍କ ନାମରେ ଅଭିଯୋଗ କରିଛନ୍ତି। ୪ ଯାଆଙ୍କ ସ୍ୱାମୀମାନେ କାର୍ଯ୍ୟ କରିବାକୁ ବାହାରକୁ ଚାଲିଯାଉଥିବା ବେଳେ ରାଜେଶ ଭାଇବୋହୁମାନଙ୍କ ସହ ଅସଦାଚରଣ ସହିତ ମାରଧର କରନ୍ତି। ତେବେ ଗତ ୧୩ ତାରିଖ ଦିନ ସ୍ୱାମୀ କାମକୁ ଯାଇଥିବା ବେଳେ ରାଜେଶ ସେମାନଙ୍କୁ ନିସ୍ତୁକ ମାଡ଼ମାରିବା ସହିତ ଟଣାଓଟରା କରିଥିଲା। କାମରୁ ଫେରିବା ପରେ ସବୁ ଶୁଣ ବି ସ୍ୱାମୀମାନେ କିଛି ନବୁଝିବା ଯୋଗୁଁ ୪ ଯାଆ ଶେଷରେ ଖନ୍ତାପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଖନ୍ତାପଡ଼ା ଥାନା ପୁଲିସ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଯୋଗୁଁ ଶେଷରେ ସେମାନେ ଏସପିଙ୍କଠାରେ ଆଜି ଫେରାଦ ହୋଇଥିବା କହିଛନ୍ତି।

ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ୨୦୨୧ପାଇଁ ଚିଠା ଭୋଟର ତାଲିକା ପ୍ରକାଶିତ

୧୬ ନଭେମ୍ବର, ୨୦୨୦ ରୁ ଆସନ୍ତା ୧୫ ଡିସେମ୍ବର, ୨୦୨୦ ପର୍ଯ୍ୟନ୍ତ ଭୋଟର ତାଲିକା ସଂଶୋଧନ ପ୍ରକିୟା ଚାଲୁ ରହିବ

ବାରିପଦା,୧୮।୧୧ (ନି.ପ୍ର): ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ମୟୂରଭ ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ତତ୍ୱାବଧାନରେ ଜିଲ୍ଲାର ୯ଟି ନିର୍ବାଚନୀ ମଣ୍ଡଳୀର ସମସ୍ତ ବୁଥ୍ ସ୍ତରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକିୟା ତ୍ୱରାନ୍ୱିତ କରାଯାଉଅଛି। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ଆଗାମୀ ତା.୦୧.୦୧.୨୦୨୧ ତାରିଖକୁ ଯୋଗ୍ୟତା ସୂଚକ ୧୮ ବର୍ଷ ଓ ତଦୁର୍ଦ୍ଧ ସମସ୍ତ ସାବାଳକ ନାଗରିକ ମାନଙ୍କ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ସକାଶେ ନୂତନ ଭୋଟରଙ୍କ ନାମ ପିକରଣ କରାଯିବ ସହିତ ଭୋଟର ତାଲିକାରୁ ମୃତକ ଓ ସ୍ଥାନାନ୍ତରିତ ବ୍ୟକ୍ତିଙ୍କ ନାମ ବାଦ୍ ଦେବା ଏବଂ ଭୋଟର ତାଲିକାରେ ନିଜର କୌଣସି ଭୁଲ ଓ ତ୍ରୁଟି ଇତ୍ୟାଦିର ସଂଶୋଧନ ନିମନ୍ତେ ଉଦ୍ଧିଷ୍ଟ ଥିବା ଫର୍ମରେ ଯଥାକ୍ରମେ ଫର୍ମ ନଂ-୬,୭,୮ ଓ ୮(କ) ରେ ସଂପୃକ୍ତ ବୁଥ ସ୍ତରୀୟ (ବିଏଲ୍‌ଓ) ଙ୍କ ସହଯୋଗରେ ଫର୍ମ ପୂରଣକରି ଆସନ୍ତା ତା.୧୫.୧୨.୨୦୨୦ ରିଖ ମଧ୍ୟରେ ନୂତନ ଭୋଟରଙ୍କ ନାମପିକରଣ ଏବଂ ଆପତି ଅଭିଯୋଗ ଦରଖାସ୍ତ ଆବେଦନ କରାଯିବାର କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇଛି। କାର୍ଯ୍ୟସୂଚୀ ମତେ ମୟୂରଭ ଜିଲ୍ଲା ସମସ୍ତ ୯ ଗୋଟି ବିଧାନ ସଭା ନିର୍ବାଚନ ମଣ୍ଡଳୀର ସମସ୍ତ ବୁଥ ସ୍ତରରେ ଚିଠା ଭୋଟର ତାଲିକା ତା.୧୬.୧୧.୨୦୨୦ ରିଖରୁ ସମସ୍ତ ବୁଥ୍ / ଏଇଆର୍‌ଓ/ ତଥା ଉପଜିଲ୍ଲାପାଳ ତଥା ଇଆର୍‌ଓ ସ୍ତରରେ ଚିଠା ଭୋଟର ତାଲିକା୨୦୨୦ ପ୍ରକାଶିତ ହୋଇଅଛି। ଏହି ଭୋଟର ତାଲିକା ସଂଶୋଧନ ପ୍ରକିୟା ତା.୧୫.୧୨.୨୦୨୦ ରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏହି ସମୟ ମଧ୍ୟରେ ଦାଖଲ ହୋଇଥିବା ସମସ୍ତ ଆପତି ଅଭିଯୋଗ ଉପରେ ଆସନ୍ତା ଜାନୁୟାରୀ ୨୭ ତାରିଖ ସୁଦ୍ଧା ଫଏସଲା କରାଯିବ। ଫଏସଲା ହୋଇଥିବା ସମସ୍ତ ଆପତି ଅଭିଯୋଗ ଗୁଡିକର କମ୍ପୁଟରୀ କରଣ ଅପଟୁଡେଟ୍ ଡାଟାବେସ ଆସନ୍ତା ୧୪ ଜାନୁୟାରୀ ୨୦୨୧ ରିଖ ସୁଦ୍ଧା ପ୍ରସ୍ତୁତି କରାଯାଇ ତା.୧୫.୦୧.୨୦୨୧ ରିଖ ଦିନ ଚୂଡାନ୍ତ ଭୋଟର ତାଲିକା ପ୍ରକାଶିତ ହେବ। ଜିଲ୍ଲାରେ ଏହି କାର୍ଯ୍ୟକ୍ରମର ଜନସାଧାରଣ ଙ୍କ ମଧ୍ୟରେ ସଚେତନତା ତଥା ସଫଳ ରୂପାୟନ ପାଇଁ ଦଳୀୟ ରାଜନୈତିକ କର୍ମକର୍ତା ମାନଙ୍କୁ ନେଇ ତା.୧୬.୧୧.୨୦୨୦ ଅପରାହ୍ନରେ ▶▶ପୃଷ୍ଠା ୭

ବାଲି ଖାଦାନରେ ଘନ ଘନ ଚଢାଉ : ବହୁ ଜେସିବି ଗାଏବ୍, ୨ ଜବତ୍

ଜଳେଶ୍ୱର,୧୮।୧୧ (ନି.ପ୍ର): ଜିଲାପାଳଙ୍କ ନିର୍ଦ୍ଦେଶରେ ସୁବର୍ଣ୍ଣରେଖା ନଦୀର ବାଲିଖାଦାନ ଗୁଡିକରେ ଜଳେଶ୍ୱର ତହସିଲଦାର ଘନ ଘନ ଚଢାଉ କରିବାରୁ ବହୁ ଜେସିବି ଖାଦାନରୁ ଗାଏବ ହୋଇଛି । ଆଜି ମଧ୍ୟାହ୍ନରେ ତହସିଲଦାର ପୁଲିଥରେ ଚଢାଉ କରି ୨ଟି ଜେସିବିକୁ ଜବତ୍ କରିଥିବା ସାମ୍ବାଦିକ ମାନଙ୍କୁ ସୂଚନା ଦେଇଛନ୍ତି । ଜଳେଶ୍ୱର ତହସିଲ ଅଧିନ ସୁବର୍ଣ୍ଣରେଖା ନଦୀର ପ୍ରାୟ ୧୪ଟି ଖାଦାନ ବିଭିନ୍ନ ଆଇନ୍‌ଗତ ଦୃଷ୍ଟିର ବନ୍ଦ ଥିବା ବେଳେ ମହମ୍ମଦନଗର ପାଟଣାସ୍ଥିତ ବାଲି ଖାଦାନରୁ ବାଲି ଉତ୍ତୋଳନ ହୋଇ ଆସୁଛି । ଆଇନତଃ ଏ ଗୁଡିକ ଚାଲୁ ରହିଥିଲେ ମଧ୍ୟ ପାଣିମିଶା ବାଲି ପରିବହନ, ଜେସିବି ମେସିନ୍ ଦ୍ୱାରା ଅଧିକ ଗଭୀରରୁ ବାଲି ଉତ୍ତୋଳନ, କେତେକ ନମ୍ବର ବିହିନ ଟ୍ରାକ୍ଟର ଓ ଡମ୍ପରରେ ବାଲି ପରିବହନ, ଅଧିକ ଟ୍ରାକ୍ଟର ଓ ଡମ୍ପର ଗମନାଗମନ ହେତୁ ରାସ୍ତା ଜାମ୍, ରାସ୍ତାରେ ପାଣିମିଶା ବାଲି ପଡି କାଦୁଅ ସୃଷ୍ଟି ହେବା ଭଳି ଘଟଣା ଘଟି ଆସୁଛି । ଗତ ମଂଗଳବାର ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଜଳେଶ୍ୱର ସ୍ଥିତ ନୂତନ କୋର୍ଟ କମ୍ପ୍ଲେକ୍ସ ଉଦ୍‌ଘାଟନକୁ ଆସୁଥିବା ବେଳେ ସବିଶେଷ ଘଟଣା ଦେଖିଥିଲେ । ସଂଧ୍ୟାରେ ଫେରିଲାବେଳେ ସେ ଘଟଣାସ୍ଥଳକୁ ଯିବାକୁ ସମସ୍ତଙ୍କ ମନରେ ଛାନିଆ ପଶିଥିଲା । ପରିସ୍ଥିତି ଲକ୍ଷ୍ୟକରି ଜଳେଶ୍ୱର ତହସିଲଦାରଙ୍କୁ କାର୍ଯ୍ୟାନୁଷ୍ଠାନ ଲାଗି ନିର୍ଦ୍ଦେଶ ଦେଇଥିଲେ । ଘଟଣାସ୍ଥଳରେ ଜିଲାପାଳ ଥିବା ଯାଏ ସ୍ଥାନଟି ଏକ ପ୍ରକାରର ସ୍ତବ୍ଧ ହୋଇ ଯାଇଥିଲା । ଆଜି ତହସିଲଦାର କ୍ଷୀରୋଦ କୁମାର ପଣ୍ଡା ପୁଲିସ୍ ଫୋର୍ସ ସହିତ ଘଟଣାସ୍ଥଳକୁ ଯାଇଥିଲେ । ଘଟଣାସ୍ଥଳରୁ ବହୁ ଜେସିବି ହଠାତ୍ ଗାଏବ ହେବାର ହେବାର ଦୃଶ୍ୟ ସମସ୍ତଙ୍କୁ ଚକିତ କରିଥିଲା । ଶେଷରେ ତହସିଲଦାର ୨ ଟି ଜେସିବିକୁ ଜବତ୍ କରିବାରେ ସକ୍ଷମ ହୋଇଥିଲେ ।

ଶୋଇବା ଘରୁ ମୃତଦେହ ଉଦ୍ଧାର

ବାଲେଶ୍ୱର,୧୮।୧୧ (ନି.ପ୍ର): ବାଲେଶ୍ୱର ସହରର ପଢୁଆଁପଦା ଅଞ୍ଚଳର ଜନୈକ ବ୍ୟକ୍ତିଙ୍କ ମୃତଦେହକୁ ଝୁଲନ୍ତା ଅବସ୍ଥାରେ ବୁଧବାର ଦିନ ପୁଲିସ ତାଙ୍କ ଶୋଇବାଘରୁ ଉଦ୍ଧାର କରିଛି। ମୃତ ବ୍ୟକ୍ତି ଜଣକ ହେଲେ ସ୍ୱର୍ଗତ ଅମୂଲ୍ୟ ଚନ୍ଦ୍ର ପାଲଙ୍କ ପୁତ୍ର କାଳୀଚରଣ ପାଲ(୫୧)। ସେ ଗତକାଲି ରାତିରେ ଘରେ ଶୋଇଥିବା ବେଳେ ଆଜି ସକାଳ ୯ଟା ପର୍ଯ୍ୟନ୍ତ କବାଟ ଖୋଲିନଥି